## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କମିଟି ବୈଠକ

# ସବୁ ବିଭାଗ ସଜାଗ ରହିବାକୁ ପରାମର୍ଶ

ଯାଜପୁର, ୨୧।୬(ସମିସ)




ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବୟନ ଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ପୂର୍ବତନ ମନ୍ତ୍ରୀ ତଥା ବିଂଝାରପୁର ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ, ବଡ଼ଚଣା ବିଧାୟକ ଅମର ନାୟକ, କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଓ ଜିଲ୍ଲା ପରିଷଦ ଉପ-ସଭାପତି ଗଣେଶ୍ୱର ବରାଳ ପ୍ରମୁଖ ଯୋଗଦେଇ ସବୁ ବିଭାଗ ବର୍ଷା ଓ ବନ୍ୟା ନେଇ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ।

ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିବା ପରେ ଅଧ୍ୟକ୍ଷ ଓ ଅତିଥି ବୃନ୍ଦ ମା' ବିରଜାଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ମନ୍ତ୍ରୀ, ସାଂସଦ, ବିଧାୟକ ବୃନ୍ଦ ଓ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଜିଲ୍ଲାପାଳ ସମ୍ବର୍ଦ୍ଧନା ଜ୍ଞାପନ କରଥିଲେ। ଏହାପରେ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରିତା, ନଦୀବନ୍ଧର ସୁଦୃଢ଼ୀକରଣ, ବନ୍ୟା ଜଳ ଓ ବର୍ଷା ଜଳ ଜମୁଥିବା କୃତ୍ରିମ ବନ୍ୟା ସ୍ଥାନରୁ ଜଳ ନିଷ୍କାସନ କରିବା, ବନ୍ୟାପ୍ରବଣ ଅଞ୍ଚଳରେ ନୋଡାଲ ଅଫିସର ନିଯୁକ୍ତି, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଦୈନନ୍ଦିନ ପରିସ୍ଥିତି ରିପୋର୍ଟ ଜିଲ୍ଲା ପ୍ରଶାସନକୁ ଦେବା, ନଦୀ ଗର୍ଭରେ ପ୍ରବାହିତ ବନ୍ୟାଜଳ ମାପିବା ଓ ଏ ସମ୍ବନ୍ଧୀୟ ଜନସଚେତନତା ବାର୍ତ୍ତା ଦେବା, ବିପର୍ଯ୍ୟୟ ପୂର୍ବରୁ ଆଗୁଆ ସଚେତନତା ବାର୍ତ୍ତା ଦେବା, ଅସ୍ଥାୟୀ ୱାରଲେସ୍ କେନ୍ଦ୍ର କାର୍ଯ୍ୟ କରିବା, ଦୂର ସଞ୍ଚାର ସେବା ଯୋଗାଇବା, ବନ୍ୟାପ୍ରବଣ ଅଞ୍ଚଳରେ ପାୱାର ବୋଟ ମହଜୁଦ କରି ରଖିବା, ସୁଖିଲା ଖାଦ୍ୟ, ଔଷଧ ପତ୍ର, ଗୋଖାଦ୍ୟ, ପାନୀୟ ଜଳ, ପଲିଥିନ୍, ବହୁମୁଖି ବନ୍ୟା ବାତ୍ୟା ଆଶ୍ରୟ ସ୍ଥଳକୁ ପ୍ରସ୍ତୁତ କରି ରଖିବା, ଲୋକଙ୍କୁ ସ୍ଥାନାନ୍ତରଣ କରିବା ନିମନ୍ତେ ଆଗୁଆ ଯୋଜନା ପ୍ରସ୍ତୁତ କରିବା, ଓଡ୍ରାଫ, ଏନ୍‌ଡିଆରଏଫ, ଅଗ୍ନିଶମ ବାହିନୀ ସଜାଗ ରଖିବା, ଅସ୍ଥାୟୀ ଭାବେ ହେଲି ପ୍ୟାଡ ସ୍ଥାନ ନିରୂପଣ କରିବା, ରିଲିଫ୍ କାର୍ଯ୍ୟ ସୁଚାରୁରୂପେ ପରିଚାଳନା କରିବା, ଅତ୍ୟାବଶ୍ୟକ ସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କରିବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି, ବିପର୍ଯ୍ୟୟ ସମୟରେ ପୁନରୁଦ୍ଧାର, ଥଇଥାନ ଓ ବିପର୍ଯ୍ୟୟ ପରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ପରିମଳ ସେବାଜନିତ ବିଷୟବସ୍ତୁ ଉପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ବୈଠକରେ ସୂଚନା ପ୍ରଦାନ କରିଥିଲେ।

କୋରେଇ ବିଧାୟକ ଶ୍ରୀ ନାୟକ କୋରେଇ ଓ ବନ୍ଦାଳ ପଞ୍ଚାୟତର ବନ୍ୟାପ୍ରବଣ ଅଞ୍ଚଳ ନଦୀବନ୍ଧକୁ ପଥର ପ୍ୟାକିଂ କରିବା, ବ୍ୟାପକ ବୃକ୍ଷ ରୋପଣ କରି ଜିଲ୍ଲାରେ ପ୍ରଦୂଷଣକୁ ରୋକିବା ଓ ପରିବେଶ ସନ୍ତୁଳନ ଦିଗରେ ପ୍ରସ୍ତାବ ଆଗତ କରିଥିବାବେଳେ ଜିଲ୍ଲାପାଳ ଏଥିପ୍ରତି ଧ୍ୟାନ ଦିଆଯିବ ବୋଲି ପ୍ରକାଶ କରି ମନ୍ତ୍ରୀ, ସାଂସଦ, ବିଧାୟିକା ଓ ବିଧାୟକ ବୃନ୍ଦ, ଜିଲ୍ଲା ପରିଷଦ ସଭାପତି ଓ ଉପ-ସଭାପତି ନିଜ ନିଜ ନିର୍ବାଚନମଣ୍ଡଳୀ ଓ ଅଞ୍ଚଳ ପାଇଁ ଏବଂ ଯାଜପୁର ପୌର ପରିଷଦ ଅଞ୍ଚଳରେ ବନ୍ୟାଜଳ ନିଷ୍କାସନ କରିବା, ବନ୍ୟା ଜଳ ଓ ବର୍ଷା ଜଳ ନିଷ୍କାସନ ଦିଗରେ ଆବଶ୍ୟକ ସ୍ଥଳେ ସ୍ଥାୟୀ ସମାଧାନ ନିମନ୍ତେ ଦୀର୍ଘ ମିଆଦି କାର୍ଯ୍ୟକ୍ରମ ପାଇଁ ସରକାରଙ୍କୁ ଅବଗତ କରାଯିବ ବୋଲି ଜିଲ୍ଲାପାଳ ଉଲ୍ଲେଖ କରିଥିଲେ। ସେହିପରି ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ବିଂଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ଦଶରଥପୁର ଓ ବିଂଝାରପୁର ବ୍ଲକ ବନ୍ୟାପ୍ରବଣ ହୋଇଥିବାରୁ ବନ୍ୟାପ୍ରବଣ ସ୍ଥାନରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ଅଧିକ ପାୱାର ବୋଟ୍ ପ୍ରଦାନ କରିବାକୁ ପ୍ରସ୍ତାବ ରଖିଥିବାବେଳେ ଜିଲ୍ଲାପାଳ ଶ୍ରୀ କଲ୍ୟାଣ ବର୍ତ୍ତମାନ ପାଇଁ ଜିଲ୍ଲାରେ ୩୬ଟି ପାୱାର ବୋଟ୍‌କୁ ସମସ୍ତ ବ୍ଲକକୁ ବଣ୍ଟନ କରାଯାଇଥିବାବେଳେ ଜିଲ୍ଲାକୁ ଅଧିକ ବୋଟ୍ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ତୁରନ୍ତ ଅନୁରୋଧ କରାଯିବ ବୋଲି ପ୍ରକାଶ କରିଥିଲେ।

ବୈଠକ ଶେଷରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ବ୍ଲକର ବିଡିଓ, ତହସିଲଦାର, ଅତିରିକ୍ତ ଉପ-ଜିଲ୍ଲାପାଳ ଶ୍ରୀମତୀ ମନୋରମା ଜାଲି, ଜିଲ୍ଲା ଜରୁରି ଅଧିକାରୀ ଅଶୋକ କୁମାର ବେହେରା, ଡେପୁଟୀ କଲେକ୍ଟର (ସଂସ୍ଥା) ଶ୍ରୀମତୀ ସୋନମ୍ ଦାସ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ବା ଯେକୌଣସି ବିପର୍ଯ୍ୟୟ ସମ୍ବନ୍ଧୀୟ ସୂଚନା ନିମନ୍ତେ ଜିଲ୍ଲା ପ୍ରଶାସନକୁ ଯୋଗାଯୋଗ ନିମନ୍ତେ ଜିଲ୍ଲା କଣ୍ଟ୍ରୋଲ ରୁମ୍ ଟେଲିଫୋନ ନମ୍ବର ୦୬୪୨୮-୨୨୨୬୪୮ ଜାରି କରାଯାଇଛି।

## ଯାଜପୁର ବିଜେପିରେ ତେଜିଲା ଗୋଷ୍ଠୀ କନ୍ଦଳ

# ସର୍କିଟ ହାଉସରେ ଗୌତମ-ସଂଗ୍ରାମଙ୍କ ଗୋଷ୍ଠୀ ମଧ୍ୟରେ ହାତାହାତି

**ଯାଜପୁର, ୨୧।୬(ସମିସ):** ନିର୍ବାଚନ ଘୋଷଣା ପୂର୍ବରୁ ଯାଜପୁର ନିର୍ବାଚନମଣ୍ଡଳୀରେ ବିଜେପି ସଂଗଠନରେ ବିବାଦ ଦେଖାଦେଇଥିଲା। ବିଶେଷକରି ଦଳୀୟ ଟିକଟ ହାତେଇବାକୁ କେନ୍ଦ୍ର କରି ଗୌତମ ରାୟ ଓ ସଂଗ୍ରାମ ପାତ୍ରଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଗୌତମଙ୍କ ଅନୁପସ୍ଥିତିରେ ସଂଗ୍ରାମ ଯୁବ ଭୋଟରଙ୍କୁ ଏକତ୍ରିତ କରି ସଂଗଠନକୁ ସୁଦୃଢ଼ କରି ଟିକଟ ପାଇଁ ଜୋରଦାର ଲବି କରିଥିଲେ। ନିଜେ ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ପଦବୀର ବ୍ୟବହାର କରି ନିର୍ବାଚନମଣ୍ଡଳୀର ଯୁବ ଗୋଷ୍ଠୀଙ୍କ ପାଖରେ ପହଞ୍ଚି ସଂଗଠନକୁ ମଜବୁଦ କରି ନିଜର ପତିଆରା ବୃଦ୍ଧି କରି ଟିକଟ ପାଇଁ ଦାବିଦାର ହୋଇଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ଯାଜପୁର ବିଜେପି ସଭାପତି ଗୌତମ ରାୟ ରାଜ୍ୟ ନେତୃତ୍ୱଙ୍କୁ ପ୍ରଭାବିତ କରି ପୂର୍ବ ପ୍ରାର୍ଥିତ୍ୱ ଅଭିଜ୍ଞତାକୁ ମୋହରା କରି ଟିକଟ ଆଣିବାକୁ ସକ୍ଷମ ହୋଇଥିଲେ। ସେ ପରାସ୍ତ ହେବା ପରେ ଗୌତମଙ୍କ ସମର୍ଥକ ସଂଗ୍ରାମଙ୍କୁ ଖୋଲାଖୋଲି ଦାୟୀ କରୁଛନ୍ତି। ଗୌତମଙ୍କ ସମର୍ଥକଙ୍କ କହିବା ମୁତାବକ ସଂଗ୍ରାମ ଗୌତମଙ୍କୁ ସମର୍ଥନ ନ କରି ଶାସକ ବିଜୁ ଜନତା ଦଳ ପାଇଁ କାମ କରିବାରୁ ତାଙ୍କର ପରାଜୟ ଘଟିଲା। ଅନ୍ୟପଟେ ସଂଗ୍ରାମଙ୍କ ସମର୍ଥକଙ୍କ କହିବା ମୁତାବକ ଚଳିତ ନିର୍ବାଚନରେ ବିଜେଡି ଜଣେ ଦୁର୍ବଳ ମହିଳାଙ୍କୁ ପ୍ରାର୍ଥୀ କରିଥିଲା। ତଥାପି ଗୌତମ ତାଙ୍କଠାରୁ ହାରିବା ପରେ ହତାଶ ହୋଇପଡ଼ିଛନ୍ତି। ନିର୍ବାଚନ ପୂର୍ବରୁ ଗୌତମ ନିଶ୍ଚୟ ହାରିବେ ବୋଲି ଜଣାପଡ଼ିଥିଲା। ସତକୁ ସ୍ୱୀକାର ନ କରିବାରୁ ଆଜି ଦଳ ବିପର୍ଯ୍ୟୟର ସାମ୍ନା କରିଛି ବୋଲି କହି ବୁଲୁଛନ୍ତି।

ତେବେ ଆଜି ଏକ ସରକାରୀ କାର୍ଯ୍ୟକ୍ରମରେ ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯାଜପୁର ଆସି ସର୍କିଟ ହାଉସରେ ଅବସ୍ଥାନ କରିଥିବାବେଳେ ସଂଗ୍ରାମ ପାତ୍ର ଓ ତାଙ୍କ ସମର୍ଥକ ସୌଜନ୍ୟମୂଳକ ସାକ୍ଷାତ ପାଇଁ ଯାଇଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଗୌତମଙ୍କ ସମର୍ଥକ ସଂଗ୍ରାମଙ୍କ ସମର୍ଥକଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ତୁ ତୁ ମେଁ ମେଁ ଅବସ୍ଥା ସୃଷ୍ଟି ହୋଇଥିଲା। ଜିଲ୍ଲା ସଭାପତି ଗୌତମ ରାୟଙ୍କ ହସ୍ତକ୍ଷେପ ପରେ ମାମଲା ଥଣ୍ଡା ପଡ଼ିଥିଲା। ମନ୍ତ୍ରୀ ସେଠାରୁ ଯିବା ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି ହୋଇଥିବା ଜଣାପଡ଼ିଛି। ଆଗକୁ ପରିସ୍ଥିତି ଭୟାବହ ହେବ ବୋଲି ଉଭୟ ଉଭୟଙ୍କୁ ଧମକ ଦେଉଥିବା ଶୁଣିବାକୁ ମିଳିଥିଲା। ଏ ସମ୍ପର୍କରେ ବିଜେପି ଯୁବ ନେତା ସଂଗ୍ରାମ ପାତ୍ରଙ୍କୁ ପଚାରିବାରୁ ଚଳିତ ନିର୍ବାଚନରେ ଯେଉଁମାନେ ଲୋକଙ୍କ ସହିତ ଥିଲେ ସେମାନେ ଜିତିଲେ ଓ ଯେଉଁମାନେ ଲୋକଙ୍କ ସହିତ ନ ଥିଲେ ସେମାନେ ହାରିଲେ। ଯେଉଁମାନଙ୍କୁ ରୋଗ ହୋଇଛି ସେମାନେ ଔଷଧ ଖାଇବା ଆବଶ୍ୟକ। ତାଟିଆ କାମୁଡିଲେ କିଛି ଲାଭ ହେବ ନାହିଁ ବୋଲି କହିଥିଲେ। ସରକାର ଗଠନ ହେବାର ଅଳ୍ପ ଦିନ ଭିତରେ ଏଭଳି କନ୍ଦଳ ଦେଖାଯିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

## ହୁଡ଼ିସାହି ଗ୍ରାମ ହତ୍ୟାକାଣ୍ଡ ଅଭିଯୁକ୍ତଙ୍କୁ ଗିରଫ ଦାବି

# ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ



**ସୁକିନ୍ଦା, ୨୧।୬(ସମିସ):** ସୁକିନ୍ଦା ଥାନା ଅଞ୍ଚଳର ହତ୍ୟା ଘଟଣାରେ ଅଭିଯୁକ୍ତଙ୍କ ଗିରଫ ଦାବିରେ ଶୁକ୍ରବାର ଶତାଧିକ ମହିଳା କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରିଥିବା ଘଟଣା ସୁକିନ୍ଦା ପୁଲିସର କାର୍ଯ୍ୟଦକ୍ଷତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ସୂଚନା ମୁତାବକ, ସୁକିନ୍ଦା ଥାନା ଅନ୍ତର୍ଗତ ହୁଡ଼ିସାହି ଗ୍ରାମର ହରିହର ମହାନ୍ତଙ୍କ ପୁଅ ଜଗନ୍ନାଥ (୩୮) ଗତ ୮ ତାରିଖ ଦିନ ସୁକିନ୍ଦା ହାଟରୁ ଫେରୁଥିବା ସମୟରେ ସଂସାଇଲୋ ଗ୍ରାମର କିଛି ଯୁବକଙ୍କ ସହ ବଚସା ହୋଇଥିଲା। ପରେ ସମ୍ପୃକ୍ତ ଯୁବକ ଜଗନ୍ନାଥକୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଯେଉଁଥିରେ ଜଗନ୍ନାଥଙ୍କ ଅବସ୍ଥା ଗୁରୁତର ହୋଇଥିଲା। ସ୍ଥାନୀୟ ଲୋକେ ପହଞ୍ଚିବାରୁ ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେହିଦିନଠାରୁ ଆହତ ଜଗନ୍ନାଥଙ୍କ ଚିକିତ୍ସା ଜାରି ରହିଥିଲା। ୧୬ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ପରିବାର ଲୋକେ ଜଗନ୍ନାଥଙ୍କୁ କଟକ ନେଉଥିବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଜଗନ୍ନାଥଙ୍କୁ ଘରକୁ ଫେରାଇ ଆଣିବା ସମୟରେ ଗଣ୍ଡଗୋଳ ଘଟିଥିବା ସ୍ଥାନରେ ମୃତଦେହ ରଖି ବିକ୍ଷୋଭ କରିବା ସହ ଜଗନ୍ନାଥଙ୍କ ମୃତ୍ୟୁରେ ସମ୍ପୃକ୍ତ ଆକ୍ରମଣକାରୀଙ୍କୁ ଦାୟୀ କରିଥିଲେ। ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ସୁକିନ୍ଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହ ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସମ୍ପୃକ୍ତ ଯୁବକ ପୂର୍ବରୁ ଏଭଳି ଅନେକ କାଣ୍ଡ ଘଟାଇ ନିର୍ଭୟରେ ବୁଲୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏ ଘଟଣାରେ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହେବା ସହ ଆକ୍ରମଣକାରୀଙ୍କ ନାମ ମଧ୍ୟ ଉଲ୍ଲେଖ ଅଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାର ପୁଲିସ ଆବଶ୍ୟକ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ଏକ ମାମଲା ରୁଜୁ କରି ବସି ରହିଥିବା ଘଟଣା ସାଧାରଣରେ ଅସନ୍ତୋଷର କାରଣ ହୋଇଛି। ଘଟଣାକୁ ୫ଦିନ ବିତିଯାଇଥିବାବେଳେ ସୁକିନ୍ଦା ପୁଲିସର ନିରବତା ପାଇଁ ମୃତକଙ୍କ ପରିବାର ସହ ଶତାଧିକ ମହିଳା ଶୁକ୍ରବାର କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପହଞ୍ଚି ଦୁଇଦିନ ମଧ୍ୟରେ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## କିଡ୍‌ନୀରେ ପୀଡ଼ିତ ଯୁବକଙ୍କ ମୃତ୍ୟୁ

**ପାଣିକୋଇଲି, ୨୧।୬(ସମିସ):** ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତର ନୁରୁଗାଁ ଗ୍ରାମର ଉଦୀୟମାନ ଯୁବକ ନୀଳମଣି ଦେଓଙ୍କ ପୁତ୍ର ରାକେଶ ଦେଓ (୨୨)ଙ୍କ ବୃକକଜନିତ ରୋଗରେ ପରଲୋକ ଘଟିଛି। ରାକେଶ ନୁରୁଗାଁ ଅଞ୍ଚଳରେ ଜଣେ ଯୁବ ସମାଜସେବୀ ଭାବେ ପରିଚିତ ଥିଲେ। ଗତ ତିନିଦିନ ତଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ସେ ଭୁବନେଶ୍ୱରସ୍ଥ ଏକ ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କର ଆକସ୍ମିକ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଦାନଗଦି, ୨୧।୬(ସମିସ):** ଡୁବୁରୀ ଛକରୁ ହାଟକୁ ଯିବା ରାସ୍ତା କଡ଼ରେ ଆଜି ମଧ୍ୟାହ୍ନରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ହାତରେ ରାମ ରତନ ଲେଖା ଅଛି। ବୟସ ୨୫ ବର୍ଷ ହେବ। କଳିଙ୍ଗନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇ ତଦନ୍ତ ଜାରି ରଖିଛି। ଅପରପକ୍ଷେ ଦାନଗଦି ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ଚିହ୍ନଟ ପାଇଁ ସୁରକ୍ଷିତ ଭାବେ ସଭାଗୃହରେ ରଖାଯାଇଛି। ପୁଲିସ ୧୫୩ /୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବଜ୍ରପାତରେ ପୋଡ଼ିଲା ଘର

**ଦଶରଥପୁର, ୨୧।୬(ସମିସ):** କମାରଡ଼ିଆ ପଞ୍ଚାୟତ ଯୋଗୀମଠ ଗ୍ରାମର ହରିହର ଜେନାଙ୍କ ଘର ବଜ୍ରପାତରେ ନିଆଁ ଲାଗିଯାଇଥିବା ଦେଖିବାକୁ ଜଣାପଡ଼ିଛି। ଆଜି ସନ୍ଧ୍ୟାରେ ବର୍ଷା ହେବା ସହ ଘଡ଼ଘଡ଼ି ଓ ବିଜୁଳି ମାରିଥିଲା। ଏହି ସମୟରେ ବିଦ୍ୟୁତ ମିଟର ଓ କଟାଉଟର ସଂସ୍ପର୍ଶରେ ଆସି ନିଆଁ ଲାଗିଯାଇଥିଲା। ଏହା ଚାଳ ଘର ହୋଇଥିବାରୁ ନିଆଁ ଛାପରକୁ ଲାଗିବା ଆରମ୍ଭ କରିଥିଲା। କିଛି ପରିମାଣ ଜାଳିବା ଦେଖି ଗାଁ ଲୋକେ ବିଦ୍ୟୁତ କାଟ କରି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଅଳ୍ପକେ ଘର ବଞ୍ଚିଯାଇଥିବାବେଳେ ବିଦ୍ୟୁତ ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

## ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରେ ସରକାରୀ ଜମି ଅବରୋଧ ମୁକ୍ତ ଉଦ୍ୟମ

# ସରକାରୀ ଜମିକୁ ଆଂଶିକ ଅବରୋଧମୁକ୍ତ କଲା ପ୍ରଶାସନ



**ବିଞ୍ଝାରପୁର, ୨୧।୬(ସମିସ):** ଭୂମିହୀନ ନ ହୋଇ ନିଜକୁ ଭୂମିହୀନ ସାବ୍ୟସ୍ତ କରି ବସୁନ୍ଧରା ଯୋଜନାରେ ସରକାରୀ ଜମି ହାତେଇଥିବା କିଛି ଲୋକଙ୍କ ଅବରୋଧରେ ଥିବା ଜମିକୁ ଅବରୋଧ ମୁକ୍ତ କରିବା ପାଇଁ ବିଞ୍ଝାରପୁର ତହସିଲ ପକ୍ଷରୁ ଉଦ୍ୟମ କରାଯାଇ ଆଂଶିକ ଅବରୋଧ ହଟାଯାଇଥିବା ଜଣାଯାଇଛି।

ସୂଚନା ମୁତାବକ, ବିଞ୍ଝାରପୁର ବ୍ଲକ ତଥା ତହସିଲ ଅନ୍ତର୍ଗତ ଚନ୍ଦ୍ରମୁଁ ପଞ୍ଚାୟତର ବଡ଼ମଲ୍ଲୀପୁର ଗ୍ରାମର କୈଳାସ ଜେନା ନାମକ ଜଣେ ବ୍ୟକ୍ତି ଭୂମିହୀନ ନୁହନ୍ତି। ସେ ନିଜ ସହିତ ତାଙ୍କ ଜ୍ଞାତି କୁଟୁମ୍ବଙ୍କୁ ମିଶାଇ ଭିନ୍ନ ଭିନ୍ନ ନାମରେ ସରକାରୀ ଜମି ବସୁନ୍ଧରା ଯୋଜନାରେ ସାମିଲ ହୋଇ ପଟ୍ଟା ହାତେଇଥିଲେ। ଏହାକୁ ବାଡବନ୍ଦୀ କରି ତନ୍ମଧ୍ୟରେ କୋଠାଘର ନିର୍ମାଣ କରି ସେ ରହିଆସୁଛନ୍ତି। ସରକାରୀ ଜମିକୁ ମିଶାଇ ବାଡ଼ବନ୍ଦୀ କରି ନଦୀବନ୍ଧକୁ ଯିବା ପାଇଁ ଥିବା ରାସ୍ତାକୁ ମଧ୍ୟ ସେ ଅବରୋଧ କରିଥିଲେ। ଏହାକୁ ଗ୍ରାମର ପ୍ରସନ୍ନ ଜେନା ବିରୋଧ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାମଲା ଦାଏର କରିଥିଲେ। ଏହି ମାମଲାର ଶୁଣାଣି ବେଳେ କୈଳାସ ଭୂମିହୀନ ହୋଇ ନ ଥିବା ଜଣାପଡ଼ିଥିଲା। ତେଣୁ ସେ ପାଇଥିବା ପଟ୍ଟା ରଦ୍ଦ ପାଇଁ ଯାଜପୁର ଉପଜିଲ୍ଲାପାଳ ଓ ସ୍ଥାନୀୟ ତହସିଲଦାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ସହିତ ସରକାରୀ ଜମି ଅବରୋଧମୁକ୍ତ କରିବା ପାଇଁ ସ୍ଥାନୀୟ ଅତିରିକ୍ତ ତହସିଲଦାର ସ୍ଥାନୀୟ ପୁଲିସଙ୍କ ସହାୟତାରେ କୈଳାସ ଘେରାଇ ଥିବା ବାଡ଼ ଉଠାଇ ଦେଇଆସିଥିଲେ। କୈଳାସ ରହୁଥିବା ଘର ସେମିତି ଠିଆ ହୋଇଥିବା ଅଭିଯୋଗକାରୀ ଯୁବକ ପ୍ରସନ୍ନ ଜେନା ଅଭିଯୋଗ କରିଛନ୍ତି। ପ୍ରଶାସନର ଏପରି ଅବରୋଧ ହଟାଇବା ଘଟଣାରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଶାସନର ଏତାଦୃଶ କାର୍ଯ୍ୟ ବେଆଇନ ଲୋକଙ୍କୁ ପ୍ରୋତ୍ସାହନ ଦେଉଛି ସିନା ବେଆଇନ କାର୍ଯ୍ୟ କରିବାରୁ ଦୂରେଇ ପାରୁନାହିଁ। ପ୍ରଶାସନର ଅବରୋଧମୁକ୍ତ ଘଟଣାକୁ ସେ ଧର୍ମକୁ ଆଖିଠାର ବୋଲି କହିବା ସହିତ ପୁଣି ନ୍ୟାୟାଳୟକୁ ଯାଇ ପ୍ରଶାସନର ଏତାଦୃଶ ଘଟଣା ବିରୁଦ୍ଧରେ ନ୍ୟାୟ ଭିକ୍ଷା କରିବେ ବୋଲି କହିଛନ୍ତି।

# ଦଶାହ କର୍ମ ପାଇଁ ମିଳିଲା ସହାୟତା



**ପାଣିକୋଇଲି, ୨୧।୬(ସମିସ):** ନିଜ ପିତାଙ୍କ ଦେହାନ୍ତରେ ଭାଙ୍ଗିପଡ଼ିଥିବା ଅସହାୟ ପୁତ୍ରକୁ ପିତାଙ୍କ ଦଶାହ କର୍ମ ପାଇଁ ସହାୟତାର ହାତ ବଢ଼ାଇଛି ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ 'ସୂର୍ଯ୍ୟାଲୋକ ସମାଜ ସେବା'। ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଗୁପ୍ତଗଡ଼ିଆ ସାହିର ନାମମାତ୍ର ଚାଷୀ ପାଗଳ ମଲିକ(୬୮)ଙ୍କର ୧୩ ତାରିଖ ଦିନ ମୃତ୍ୟୁ ଘଟିଥିଲା। ପିତାଙ୍କ ହଠାତ ମୃତ୍ୟୁକୁ ସହଜେ ଗ୍ରହଣ କରିପାରୁ ନ ଥିବା ଏକମାତ୍ର ପୁତ୍ର ଆଦିତ୍ୟ ପିତାଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ପାଖ ପଡ଼ୋଶୀଙ୍କ ସହାୟତା ଲୋଡ଼ିଥିଲେ। ଏ ନେଇ ସେ ବିଭିନ୍ନ ଗଣମାଧ୍ୟମର ସହାୟତା ନେବା ସହିତ ଆଦିତ୍ୟଙ୍କୁ ସହାୟତା ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ। ଯାଜପୁରରର ଅଗ୍ରଣୀ ସାମାଜିକ ସଂଗଠନ ସୂର୍ଯ୍ୟାଲୋକ ସମାଜ ସେବା ପକ୍ଷରୁ ସଭାପତି ବସୁବନ୍ତ ଦାସଙ୍କ ପରାମର୍ଶ କ୍ରମେ ସଦସ୍ୟ ଭବାନୀ ଶଙ୍କର ବାରିକ ଓ ରଞ୍ଜିତ କୁମାର ପରିଡ଼ା ସ୍ୱର୍ଗତ ମଲିକ ବାସଭବନରେ ପହଞ୍ଚି ଆଦିତ୍ୟଙ୍କୁ ସମବେଦନା ଜଣାଇବା ସହିତ ଶୁଦ୍ଧିକ୍ରିୟା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥଲେ। ସଂଗଠନର ଏଭଳି ସହାୟତା ନିମନ୍ତେ ରାଜକିଶୋର ମଲିକ ସୋମନଙ୍କୁ କୃତଜ୍ଞତା ଜଣାଇଥିଲେ।

## ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ

**ପାଣିକୋଇଲି, ୨୧।୬(ସମିସ):** ବିଜେପି ସରକାର ସାଧାରଣ ଓ ଗରିବ ଲୋକଙ୍କୁ ସୁଲଭ ମୂଲ୍ୟରେ ଉତ୍ତମ ଗୁଣବତ୍ତା ବିଶିଷ୍ଟ ଜୀବନ ରକ୍ଷାକାରୀ ଔଷଧ ନିର୍ମାଣ ଓ ପ୍ରଦାନ ଉପରେ ଗୁରୁତ୍ୱାରୋପ କରି ସାରା ଦେଶରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ମାଧ୍ୟମରେ ସ୍ୱଳ୍ପ ମୂଲ୍ୟରେ ଔଷଧ ଯୋଗାଉଛନ୍ତି। ଇତ୍ୟ ଅବସରରେ ଶୁକ୍ରବାର ପାଣିକୋଇଲି ବଜାରର ଦୁର୍ଗା ମାର୍କେଟରେ ଏକ ଜନଔଷଧି କେନ୍ଦ୍ରର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରର ପରିଚାଳିକା ଶ୍ରୀମତୀ ସାବିତ୍ରୀ ଦାସଙ୍କ ପୌରୋହିତ୍ୟରେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗ ଦେଇ ଉକ୍ତ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ସୁଲଭ ମୂଲ୍ୟରେ ଔଷଧ ପାଇପାରିବେ ବୋଲି କହିଥିଲେ।

## ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ

**ଚଢ଼େଇଧରା, ୨୧।୬ (ସମିସ):** ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହକୁ ଆଜି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଉଦ୍‌ଘାଟନ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ଭଲ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି କହିଥିଲେ।

## ଜାରକା ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ



**ଚଢ଼େଇଧରା, ୨୧।୬ (ସମିସ):** ଯାଜପୁର ଜିଲ୍ଲାର ଧର୍ମଶାଳା ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଜୁଳି କାଟ ବିରୋଧରେ ସ୍ଥାନୀୟ ଗ୍ରାମବାସୀ ଜାରକା ସବଷ୍ଟେସନ ଘେରାଉ କରିଥିଲେ। ଏ ଅଞ୍ଚଳରେ ଦିନ ହେଉ କି ରାତି ସବୁ ସମୟରେ ବାରମ୍ବାର ବିଦ୍ୟୁତ୍ କଟିବାରୁ ତାତି ସାଙ୍ଗକୁ ଗୁଲୁଗୁଳିରେ ଲୋକଙ୍କୁ ଚଳିବା କଷ୍ଟକର ହୋଇପଡ଼ିଛି। ଗୁରୁବାର ରାତିରେ ସାମାନ୍ୟ ବର୍ଷା ଯୋଗୁଁ ଲାଇନ କଟିଯାଇଥିଲା। ଏ ସମ୍ପର୍କରେ ଲୋକେ ସ୍ଥାନୀୟ ଜେଇ ଅବନୀ କାନ୍ତ ବେହେରାଙ୍କୁ ଫୋନ କରିଥିଲେ। ସେ ଫୋନର ଉତ୍ତର ଦେଇ ନ ଥିଲେ। ପରେ ରାତିସାରା ଅନ୍ଧାରରେ ରହିବା ପରେ ଅଞ୍ଚଳର କିଛି ଉପଭୋକ୍ତା ଜାରକା ଡିଭିଜନର ଯନ୍ତ୍ରୀ ଅବନୀକାନ୍ତ ବେହେରାଙ୍କୁ ଫୋନ୍‌ରେ ସକାଳୁ ଏ ବିଷୟରେ ପଚାରିବାରୁ ସେ ଖରାପ ବ୍ୟବହାର କରିଥିଲେ। ତାଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ସ୍ଥାନୀୟ ଲୋକେ ଜାରକା ବିଦ୍ୟୁତ୍ ସବଷ୍ଟେସନରେ ପହଞ୍ଚିଥିଲେ। ସେ ଏକ ଚେୟାରରେ ଗୋଡ ଉପରେ ଗୋଡ ପକାଇ ବସି ସେମାନଙ୍କ ସହ ଆଲୋଚନା କରିଥିଲେ ଓ କାଏମା ଅଞ୍ଚଳ ପାଇଁ ରାତିରେ ତାଙ୍କର କୌଣସି ଷ୍ଟାଫ୍ ନ ଥିବାରୁ କାମ ହେଉ ନ ଥିବା କହିଥିଲେ। ରାତିରେ ଲାଇନ କଟିଲେ କୌଣସି ବ୍ୟବସ୍ଥା ନ ଥିବା ସେ କହିଥିଲେ। ତାଙ୍କ କଥାବାର୍ତ୍ତା ଓ ବ୍ୟବହାରକୁ ସ୍ଥାନୀୟ ଲୋକେ ନାପସନ୍ଦ କରିଛନ୍ତି। ଅପରପକ୍ଷରେ ଜେଇ ଅବନୀ କାନ୍ତ ବେହେରା ଷ୍ଟାଫ୍ ନ ଥିବା କଥା ସ୍ୱୀକାର କରିଥିବାବେଳେ କାହାକୁ ଖରାପ ବ୍ୟବହାର କରି ନ ଥିବା ସେ କହିଛନ୍ତି। ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏ ନେଇ ବ୍ୟବସ୍ଥା କରା ନ ଗଲେ ବିରାଟ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଉପଭୋକ୍ତା କହିଛନ୍ତି।

## ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ବିବାଦୀୟ ଲେଡି ଫାର୍ମାସିଷ୍ଟଙ୍କୁ ଦାନଗଦି ବଦଳି

ବ୍ୟାସନଗର, ୨୧।୬(ସମିସ)

ଗୁରୁବାର ଯାଜପୁର ଜିଲ୍ଲା ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରିକାଳୀନ ରୁମରେ ଚାବି ମାରି ରଖିବା ଓ ଜଣେ ବିଭାଗୀୟ ଦାନ୍ତ ଡାକ୍ତରଙ୍କୁ ତାଙ୍କ କାର୍ଯ୍ୟରେ ବାଧା ପହଞ୍ଚାଇବା, ଏପରିକି ସମ୍ପୃକ୍ତ ଦାନ୍ତ ଡାକ୍ତର ଶୁଭଲକ୍ଷ୍ମୀ ରଥଙ୍କ ହାତ ମୋଡି ଧକ୍କା ମାରିବା ଘଟଣାରେ ବିବାଦୀୟ ହୋଇପଡ଼ିଥିବା ମହିଳା ଫାର୍ମାସିଷ୍ଟ ପ୍ରଜ୍ଞାପରମିତା ସାହୁଙ୍କ ବିରୋଧରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହୋଇଛନ୍ତି। ତାଙ୍କୁ ଦାନଗଦି ବ୍ଲକ ବାରାଖାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିବା ସୂଚନା ମିଳିଛି।

ସୂଚନା ମୁତାବକ, ଫାର୍ମାସିଷ୍ଟ ଜଣକ ଏଠାରେ ଦୀର୍ଘ ଦିନ ଧରି ଅବସ୍ଥାପିତ ହୋଇ ରହିଥିବାବେଳେ ନିଜ କାର୍ଯ୍ୟ ନ କରି ମେଡିକାଲର ଯାବତୀୟ କାର୍ଯ୍ୟରେ ବେଆଇନ ଭାବେ ହସ୍ତକ୍ଷେପ କରୁଥିଲେ। ଗତକାଲି ମେଡିକାଲରେ କାର୍ଯ୍ୟରତ ଜଣେ ଦାନ୍ତ ବିଭାଗ ଡାକ୍ତରଙ୍କୁ ଅସଦବ୍ୟବହାର, ଧକ୍କା ମାରିବା ଓ ସାଧାରଣ ଲୋକଙ୍କୁ ଚିକିତ୍ସା ସୁବିଧା ଦେବାରେ ବାଧା ଦେବା ଖବର ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ବ୍ୟାସନଗର ସମେତ ବିଭିନ୍ନ ଅଞ୍ଚଳରେ ଏହାକୁ କଡ଼ା ସମାଲୋନା କରାଯାଇଥିଲା। ଏପରିକି ବ୍ୟାସନଗର ସହରରେ କାର୍ଯ୍ୟ କରୁଥିବା ବିଭିନ୍ନ ସାମାଜିକ ସଂଗଠନ ଏହାକୁ ଦୃଢ଼ ଭାବେ ନିନ୍ଦା କରିବା ସହିତ ତୁରନ୍ତ ସମ୍ପୃକ୍ତ ମହିଳା ଫାର୍ମାସିଷ୍ଟଙ୍କୁ ଏଠାରୁ ବଦଳି କରାଯିବାକୁ ଦାବି କରିଥିଲେ। ଏ ନେଇ ଦୈନିକ ଖବରକାଗଜ 'ସକାଳ'ରେ 'ଲେଡି ଫାର୍ମାସିଷ୍ଟଙ୍କ ଉପଦ୍ରବ, ତ୍ରାହି ତ୍ରାହି ଡାକୁଛନ୍ତି ଡାକ୍ତର ଓ କର୍ମଚାରୀ' ଖବର ପ୍ରସାରଣ ପରେ ଶୁକ୍ରବାର ଅପରାହ୍ନରେ ସମ୍ପୃକ୍ତ ମହିଳା ଫାର୍ମାସିଷ୍ଟ ପ୍ରଜ୍ଞାପରମିତା ସାହୁଙ୍କୁ ଦାନଗଦି ବ୍ଲକ ଅଧୀନସ୍ଥ ବାରାଖାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା ସୂଚନା ଦେଇଛନ୍ତି।

ସକାଳ ପ୍ରଭାବ

ତେବେ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ତାଙ୍କ ରିଲିଭ ଅର୍ଡର ବାହାରୁଥିବା ଖବର ପାଇ ସେ ଛୁଟିରେ ଯାଇଥିବା ଜଣାପଡ଼ିଛି। ବିଭିନ୍ନ ଘଟଣାରେ ବିବାଦୀୟ ହୋଇଥିବା ଫାର୍ମାସିଷ୍ଟଙ୍କୁ କାହିଁକି ମେଡିକାଲ ଅଫିସର ଛୁଟିରେ ଯିବାକୁ ଅନୁମତି ଦେଲେ, ତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରାଯାଇଛି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣାଙ୍କୁ ପଚାରିବାରୁ ସେ ଯଦି ଛୁଟିରେ ଯାଇଥିବେ, ତେବେ ଯେବେ ଯୋଗଦାନ କରିବେ ସେବେ ମେଡିକାଲ ଅଧିକାରୀଙ୍କ ନିକଟକୁ ଯାଇଥିବା ଚିଠି ଅନୁସାରେ ତାଙ୍କର ବଦଳି ନିୟମ କାର୍ଯ୍ୟକାରୀ ହେବ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି।

## ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

# ‘ଯୋଗ ଭାରତୀୟ ପ୍ରାଚୀନ ସଂସ୍କୃତିର ସମ୍ଭାର’


ଯାଜପୁର ଟାଉନ




ଯାଜପୁର, ୨୧।୬(ସମିସ): ଯୋଗ ଭାରତର ପ୍ରାଚୀନ ସଭ୍ୟତା, ପରମ୍ପରା ଓ ସଂସ୍କୃତିର ସମ୍ଭାର। ଏହା ଶାନ୍ତି, ସମୃଦ୍ଧି, ସୁସ୍ଥ, ଚିନ୍ତା ଓ ଚେତନାର ଉନ୍ନତି ଆଣିବାରେ ଏକ ପ୍ରକୃତ ମାଧ୍ୟମ ବୋଲି ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମତ ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୋଗ ଦିବସରେ ସମ୍ମାନିତ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଓ ଯାଜପୁର ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ସ୍ୱର୍ଣ୍ଣଲତା ପରିଡ଼ା ଯୋଗଦେଇ ଯୋଗାଭ୍ୟାସ ଦ୍ୱାରା ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କର ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ମଞ୍ଚ ପରିଚାଳନା କରିଥିଲେ। ବ୍ରହ୍ମା କୁମାର ଡଃ ସରୋଜ ଭାଇ ଓ ବ୍ରହ୍ମା କୁମାରୀ ଗୀତାଞ୍ଜଳି ବିଭିନ୍ନ ପ୍ରକାରର ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହରର ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଯାଜପୁର ଶାଖା ଆଶ୍ରମର ଅନ୍ତେବାସୀ, ବିଭିନ୍ନ ବିଭାଗର ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ।

**ଯାଜପୁରଟାଉନ:** ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ପତଞ୍ଜଳି ଯୋଗ ସମିତି, ଯୋଗ ପ୍ରଚାର ସମିତି, ବିଭିନ୍ନ ସାମାଜିକ ଓ ଆଧ୍ୟାତ୍ମିକ ସଂଗଠନଙ୍କ ସହଯୋଗରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ଯୋଗ ଦେଇ ଯୋଗର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଉମାକାନ୍ତ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଯୋଗ ସମିତି ସଭାପତି ପ୍ରବୋଧ ନାୟକଙ୍କ ଅଧ୍ୟକ୍ଷତାରେ ଶିବିରରେ ବହୁ ବୁଦ୍ଧିଜୀବୀ, ସ୍କୁଲର ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟର ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗ ଗୁରୁ ସୁବାସ ତ୍ରିପାଠୀ, ଇଂ ସରୋଜ ଜେନା, ମନ୍ମଥ ସାମଲ, ଗୋପୀନାଥ ସେଠୀ, ସନ୍ତୋଷ ନନ୍ଦ, ସତ୍ୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଋତୁପର୍ଣ୍ଣା ସାହୁ ଓ କିରଣ କୁମାର ମଲ୍ଲିକ ମଞ୍ଚରେ ଯୋଗ ପ୍ରଦର୍ଶନ କରିଥିବାବେଳେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**କବାଟବନ୍ଧ:** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଅଭିମନ୍ୟୁ ସାହୁ, ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ଯୋଗ ଶିକ୍ଷା ଲାଭ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ଯୋଗ ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗ କରିଥିଲେ।

**ବିଞ୍ଝାରପୁର:** ବିଞ୍ଝାରପୁର ବ୍ଲକର ବିଭିନ୍ନ ଅନୁଷ୍ଠାନ ଓ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଛି। ରଣପୁର ପଞ୍ଚାୟତର ଲୁଣିଡିହ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସକାଳ ୬.୩୦ ମିନିଟ ସମୟରେ ଯୋଗାଭ୍ୟାସ କରିଥିଲେ। ଶପଥ ପାଠ ପରେ ଯୋଗାସନ ଶିକ୍ଷା ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ରତନଲାଲ ଭୂୟାଁ ଏହି ଯୋଗ ଶିବିରକୁ ପରିଚଳନା କରିଥିଲେ। ମାଁସଡାସ୍ଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ନାଇସେଟ୍ କମ୍ପ୍ୟୁଟର ପରିସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ବିଦ୍ୟାଳୟର ପ୍ରତିଷ୍ଠାତା ସନ୍ତୋଷ କୁମାର ଉଦଘାଟନ କରିଥିଲେ। ଅଙ୍ଗାଳୋସ୍ଥ ଲଚ୍ଛମନ ବାଲାଜୀଉ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଯୋଗ ଶିବିରକୁ ଅଧ୍ୟକ୍ଷ ପ୍ରଫେସର ଜୟଦେବ ଥାଟୋଇ ଉଦ୍‌ଘାଟନ କରିଥିଲେ। ପ୍ରୀତିପୁରସ୍ଥ ରିଜିଓନାଲ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆୟୋଜିତ ଯୋଗ ଶିବିରକୁ ପ୍ରତିଷ୍ଠାତା ରତିଲାଲ ଭୂୟାଁ ଉଦ୍‌ଘାଟନ କରିଥିବାବେଳେ ଅଧ୍ୟକ୍ଷା ସୁଧାଂଶୁବାଳା ରାଉତ ପରିଚାଳନା କରିଥିଲେ। ନଥିପୁରରେ ଅବସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଇଣ୍ଟିଗାଲ ସ୍କୁଲ ପରିସରରେ ଆୟୋଜିତ ଯୋଗ ଶିବିରକୁ ପ୍ରତିଷ୍ଠାତା ରମାଲାଲ ଭୂୟାଁ ଉଦ୍‌ଘାଟନ କରିଥିଲେ। ଅଲାରପୁରସ୍ଥ ଗିରିଧାରୀଜୀଉ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଯୋଗ ଶିବିରକୁ ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ଜେନା ଓ ଶିକ୍ଷୟିତ୍ରୀ ଶାନ୍ତିଲତା ସାମଲ ପରିଚାଳନା କରିଥିଲେ। ସେହିପରି ବିଞ୍ଝାରପୁର ବ୍ଲକସ୍ଥ ଖରସ୍ରୋତା ମହାବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ସାମଲ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଛାତ୍ରଛାତ୍ରୀଙ୍କୁ ଯୋଗ କରିବା ଦ୍ୱାରା ଉପଲବ୍ଧି ଲାଭ ସମ୍ବନ୍ଧରେ ଉଦବୋଧନ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ଯୋଗ ପ୍ରଶିକ୍ଷକ ରୂପେ ଛାତ୍ରଛାତ୍ରୀଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହି ପିଲାଙ୍କ ସହ ଯୋଗ ଅଭ୍ୟାସ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପଦ୍ମନାଭ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଦାନଗଦି:** ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଯାଜପୁରରୋଡ୍‌ସ୍ଥ ପ୍ଲଟ୍-୨ ହାଉସିଂ ଓ ବ୍ରାହ୍ମଣୀପାଳ ହାଉସିଂ କମ୍ପ୍ଲେକ୍ସରେ ଯୋଗ ଅଧିବେଶନର ଆୟୋଜନ କରାଯାଇଥିଲା। ସେହିପରି ଟାଟା ଷ୍ଟିଲ ଫାଉଣ୍ଡେସନର ରିଜିଓନାଲ ଇନିସିଏଟିଭ ଫର ସେଫ ସେକ୍ସୱାଲ ହେଲଥ ଅଭିଯାନ (ରିଷ୍ଟା) ପ୍ରକଳ୍ପ ପକ୍ଷରୁ କଳିଙ୍ଗନଗର ଓ ବ୍ରାହ୍ମଣୀପାଳ ଅଞ୍ଚଳର ୫ଟି ସ୍ଥାନରେ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଏଥିସହ ‘ୱେଲନେସ୍ କର୍ନର’ କାର୍ଯ୍ୟକ୍ରମ ଅଧୀନରେ ପ୍ରଶାସନ ବିଭାଗ ଓ ବୃତ୍ତିଗତ ସ୍ୱାସ୍ଥ୍ୟ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଏସକେର ଇଞ୍ଜିନିୟରିଂ ଆଣ୍ଡ ପ୍ରୋଜେକ୍ଟ, ସୁରକ୍ଷା ବିଭାଗ ମଧ୍ୟ କର୍ମଚାରୀଙ୍କ ପାଇଁ ପ୍ଲାଣ୍ଟ ପରିସରରେ ଆୟୋଜନ କରିଥିଲେ। ଏ ଥିରେ ଟାଟା କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ମିଶାଇ ୪୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ସେହିପରି ଟୋଲକାନୀସ୍ଥ ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଝାଡେଶ୍ୱର ସ୍ନାତକ ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଥିଲା। +୩ ଅଧ୍ୟକ୍ଷ ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ +୨ ଅଧ୍ୟକ୍ଷ ଡଃ ଅକ୍ଷୟ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଅଜୟ କୁମାର ସାହୁ (ସମାଜ ବିଜ୍ଞାନ), ଅଧ୍ୟାପକ ଅଜୟ କୁମାର ସାହୁ (ଓଡ଼ିଆ) ପ୍ରମୁଖ ଉପସ୍ଥିତ ଥିଲେ। ଯୋଗଗୁରୁ ସତ୍ୟରଞ୍ଜନ ସେଠୀ ଆସନ, ପ୍ରାଣାୟାମ, ସୂର୍ଯ୍ୟ ନମସ୍କାର ଇତ୍ୟାଦି ଯୋଗ କରି ଏହାର ଉପକାରିତା ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ।

**ବ୍ରହ୍ମବରଦା:** ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତର ସାନବାଗସାହି ପ୍ରାଥମିକ ବିଦ୍ୟାଳୟ ଓ ମାଜାଡେଇ ଏମଇ ବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏମଇ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ବେହେରା ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜମୋହନ ମହାନ୍ତି ଯୋଗ ଦେଇ ପିଲାଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ପ୍ରତିଦିନ ସକାଳୁ ଘରେ ଯୋଗ କରିବାକୁ ପିଲାଙ୍କୁ ଶପଥ ପାଠ କରାଇବା ସହିତ ନିଜ ଶରୀର ସହିତ ସମାଜ ପାଇଁ ଯୋଗର ମହତ୍ୱ ଗୁରୁତ୍ୱପୂର୍ଣ୍ଣ ଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ଶିକ୍ଷକ ଅବଦୁଲ ରସିଦ ଖାନ, ଚନ୍ଦନ କୁମାର ନାୟକ, ଅରବିନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବରୀ:** ବରୀ ବ୍ଲକ ପ୍ରଶାସନ ପକ୍ଷରୁ ରତ୍ନଗିରି ପଞ୍ଚାୟତ ଅଲିଆବାଦ ଖେଳ ପଡ଼ିଆରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ବିଡିଓ ପଞ୍ଚାନନ ମଲ୍ଲିକ ଯୋଗ ଦେଇ ଉକ୍ତ ଯୋଗ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେହିପରି ବରୀ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଯୋଗ ଦେଇଥିଲେ। ଯୋଗ ଶିବିରରେ ରତ୍ନଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ମଧୁସ୍ମିତା ଜେନା ଯୋଗ ଦେଇ ଯୋଗ ପ୍ରାଣାୟମ କରାଇଥିଲେ। ଉକ୍ତ ଶିବିରକୁ ବରୀ ବ୍ଲକ ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ ପରିଚାଳନା କରିଥିଲେ। ଧାରପୁର ପଞ୍ଚାୟତର ନାଥପୁରଠାରେ ଥିବା ଅମୃତ ସରୋବର ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଥିଲା। ଉକ୍ତ ଶିବିରରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ପଞ୍ଚାନନ ମଲିକ ଓ କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପଣ୍ଡା ଯୋଗ ଦେଇଥିବାବେଳେ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସରପଞ୍ଚ କୁନା ମଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଡାଙ୍ଗି ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

**ସିଂହପୁର:** କାକୁଡ଼ି ପଡ଼ିଆରେ ଆଜି ଆନ୍ତର୍ଜାତିକ ଯୋଗ ଦିବସ ଅନୁଷ୍ଠିତ ହୋଇଛି। ସୁରଭି ପକ୍ଷରୁ ଯୋଗ ଶିବିରରେ ପ୍ରଶିକ୍ଷକ ଭାବେ ଗୌରୀଶ୍ୟାମ ଦାସ, ରଞ୍ଜିତ ମହାପାତ୍ର ଯୋଗ ଦେଇ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାରାଜା ହୃଦାନନ୍ଦ ଦାସ, ବିଧଗ୍ସ ମାଧବାନନ୍ଦ ଦାସ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବିଜେପି ନେତ୍ରୀ ବବିତା ମଲ୍ଲିକ, ବିଂଝାରପୁର ବିଡିଓ ଦିବେନ୍ଦୁ ଦାସ, ତହସିଲଦାର କୈଳାସ ଚନ୍ଦ୍ର ମହାଲିକଙ୍କ ସମେତ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଶତାଧିକ ଲୋକେ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୁରଭି କର୍ମକର୍ତ୍ତା ଓ ଗ୍ରାମବାସୀ ପରିଚାଳନା କରିଥିଲେ। ସୁରଭି ପରିବାର ପ୍ରତିଷ୍ଠାତା ଅମୀୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

**ପାଣିକୋଇଲି:** ପାଣିକୋଇଲି ବିଶ୍ୱହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସମେତ ପାଣିକୋଇଲି ମା’ ତାରିଣୀ ମହାବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ‘ସିଟ’ କମ୍ପ୍ୟୁଟର ଏକାଡ଼େମୀ ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଥିଲା। ବିଶ୍ୱହିନ୍ଦୁ ପରିଷଦର କୋରେଇ ପ୍ରଖଣ୍ଡର ବରିଷ୍ଠ କର୍ମକର୍ତ୍ତା ତଥା ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ରାଜକିଶୋର ମଲିକଙ୍କ ତତ୍ତ୍ୱାବଧାନରେ ଗୋ-ମାତା ରକ୍ଷକ ମଦନ ମୋହନ ବିନ୍ଧାଣୀ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, ସଦସ୍ୟ ରାମଚନ୍ଦ୍ର ମଲିକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ‘ସିଟ’ ପକ୍ଷରୁ ଏକାଡ଼େମୀର ପରିଚାଳକ ସନ୍ଦୀପ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବାଲେଶ୍ୱର ଜିଲ୍ଲା ସଂଘର ସେବା ପ୍ରମୁଖ ଇନ୍ଦ୍ରମଣି ବେହେରା, ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବରିଷ୍ଠ କର୍ମକର୍ତ୍ତା ନାରାୟଣ ନାୟକ ଯୋଗ ଦେଇଥିଲେ।

**କୁନ୍ଦଳ:** ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଶ୍ୱ ଯୋଗ ଦିବସ ବରିଷ୍ଠ ଉପଦେଷ୍ଟା ବିପିନ ବିହାରୀ ବଳଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଶ୍ରୀ ବଳ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେହିପରି ବଡ଼ଚଣା ବ୍ଲକ ପଲାଇ ପଞ୍ଚାୟତସ୍ଥ ଆରକେ ପବ୍ଲିକ ସ୍କୁଲ ପରିସରରେ ଛାୟା ଫାଉଣ୍ଡେସନ ଆନୁକୂଲ୍ୟରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଲିଲି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ପ୍ରସ୍ତରଶିଳ୍ପୀ ସୁଶାନ୍ତ କୁମାର ଦାସ ଯୋଗଦେଇ ଶିବିରକୁ ଉଦଘାଟନ କରି ଯୋଗର ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ।

**ଚଢ଼େଇଧରା:** ଧର୍ମଶାଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଯୋଗ ଦିବସ ପାଳିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତି ଓ ଧର୍ମଶାଳା ମହାବିଦ୍ୟାଳୟର ତତ୍ତ୍ୱାବଧାନରେ କଲେଜ ପରିସରରେ ଯୋଗ ଆରମ୍ଭ ହୋଇଥିବାବେଳେ ଏହି ଶିବିରରେ ଯୋଗଗୁରୁ ପ୍ରମୋଦ ଗୁରୁ ଯୋଗ ଶିବିରକୁ ସଞ୍ଚାଳନ କରିଥିଲେ। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ କମିଶନରେଟ ପୁଲିସ ଏସିପି ଅମିତାଭ ମହାପାତ୍ର, ପୂର୍ବତନ ସିଡିଏମଓ ବିଜୟ କୁମାର ଶତପଥୀ, ସମାଜସେବୀ ମିନତୀ ସାହୁଙ୍କ ସହ ବହୁ ଜନସାଧାରଣ ଓ ଧର୍ମଶାଳା ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

**ବାଲିଚନ୍ଦ୍ରପୁର:** ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତିକ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଜୟ ପରିଡ଼ା, ଦୁଃଶାସନ ସେଠୀ, ବିଘ୍ନେଶ୍ୱର ସିଂ, ଅନନ୍ତ କୁମାର ସାହୁ, ଏମଡି ନସିମ, ଦେବାଶିଷ ଦାସ, ସୋହେଲ ଖାଁ, ହରପ୍ରିୟା ମହାରଣା, ରୋନିଲତା ତରାଇ, ଶୁଭସ୍ମିତା ପରିଡ଼ା, ଦେବୀଦତ୍ତା ଦେବସ୍ମିତା ଦାସ, ସସ୍ମିତା ଜେନା, ନର୍ମଦା ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

**ବ୍ୟାସନଗର:** ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଯୋଗ ଦିବସ ପାଳିତ ହୋଇଯାଇଛି। ନିତ୍ୟ ଯୋଗ କକ୍ଷ ଓ ଆଦର୍ଶ ଯୋଗ କକ୍ଷର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଯୋଗ ଶିବିରକୁ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଉଦ୍‌ଘାଟନ କରିଥିଲେ। ଏନ୍‌ସିସି ଅଫିସର କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପତଞ୍ଜଳି ଯୋଗ ସମିତିର ଯାଜପୁର ଜିଲ୍ଲା ପ୍ରଭାରୀ ଗଣିତ ବିଭାଗ ଅଧ୍ୟାପକ ବିବେକାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆଦର୍ଶ ଯୋଗ କକ୍ଷର ବରିଷ୍ଠ ଯୋଗ ପ୍ରଶିକ୍ଷକ ବଟକୃଷ୍ଣ ପ୍ରଧାନ ଓ ନିତ୍ୟ ଯୋଗ କକ୍ଷର ବରିଷ୍ଠ ଯୋଗ ପ୍ରଶିକ୍ଷକ ବିଭୀଷଣ ନାୟକ ଉପସ୍ଥିତ ଥିବା ସମସ୍ତଙ୍କୁ ଯୋଗ କରାଇଥିଲେ। ନିତ୍ୟ ଯୋଗ କକ୍ଷର ଦିଲ୍ଲୀପ ଦଳାଇ, କାମଦେବ ଦାଶ, ବିଜୟ କୁମାର ବେହେରା, ବସନ୍ତ କୁମାର ଚୌଧୁରୀ, ସମରେନ୍ଦ୍ର ଜେନା, ତାପସ ଚୌଧୁରୀ, ରାଜେଶ ପତି ପ୍ରମୁଖ ଯୋଗ ଦେଇଥିଲେ।


କବାଟବନ୍ଧ


ବ୍ରହ୍ମବରଦା


ବରୀ


ପାଣିକୋଇଲି


କୁନ୍ଦଳ


ଚଢ଼େଇଧରା


ବାଲିଚନ୍ଦ୍ରପୁର


ବ୍ୟାସନଗର


ଦାନଗଦି


ସିଂହପୁର

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

# ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗ ଏକମାତ୍ର ମାଧ୍ୟମ

ଭଦ୍ରକ, ୨୧।୬(ସମିସ)





ଯୋଗ ମାଧ୍ୟମରେ ବିନା ମୂଲ୍ୟରେ ଶାରୀରିକ ଓ ମାନସିକ ସୁସ୍ଥତା ମିଳେ। ଯୋଗ ସମସ୍ତଙ୍କ ପାଇଁ ସକରାତ୍ମକ ମନୋଭାବ ଆଣିଥାଏ। ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ନିଜ ନିଜ ବକ୍ତବ୍ୟ ଜରିଆରେ ଯୋଗର ଉପକାରିତା ସମ୍ପର୍କରେ ଏଭଳି ମତ ଦେଇଛନ୍ତି। ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ନେହରୁ ଷ୍ଟାଡିୟମ୍ ପଡ଼ିଆରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ୍ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଯୋଗ ଦିବସ ପାଳନ ଉତ୍ସବରେ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ର ଛାତ୍ରଛାତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଦସ୍ୟ, ସରକାରୀ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଆଦି ୫୦୦ରୁ ଉର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଥିଲେ। ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଗଡ଼ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଭଦ୍ରକ ବିଡିଓ ସୀତାକାନ୍ତ ରାଉତ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମକେଶରୀ ଖୁଣ୍ଟିଆ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ଆନୁସଙ୍ଗିକ ଦାୟିତ୍ୱ ନିର୍ବାହ କରିବା ସହିତ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମଞ୍ଚପରିଚାଳନା କରିଥିଲେ। ସହକାରୀ କୃଷି ଅଧିକାରୀ ଅନୁରାଧା ପଣ୍ଡା ଉଦ୍‌ଘୋଷିକା ଦାୟିତ୍ୱ ନିଭାଇ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରିଣୀ ତନ୍ମିତା କର, ବିଭାଗୀୟ ଓଏସ୍‌ଡି ରମେଶ ମହାନ୍ତି, ପ୍ରାକ୍ତନ କ୍ରୀଡ଼ାଧିକାରୀ ପଦ୍ମନ ରାୟ ଏହି କାର୍ଯ୍ୟ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ। ଯୋଗଗୁରୁ ସଞ୍ଜୀବ ନାୟକ, ଧରଣୀଧର କର, ଆରତି ପାଣିଗ୍ରାହୀ, ସୁରେଶ ନାୟକ ପ୍ରମୁଖ ଯୋଗ ପ୍ରଦର୍ଶନ କରିଥିଲେ। ଡେପୁଟିକଲେକ୍ଟର ଖଗେଶ୍ୱର ବରାଳ, ଅକ୍ଷୟ ବେହେରା, ଆସିଷ୍ଟାଣ୍ଟ କଲେକ୍ଟର ଚିତ୍ତରଞ୍ଜନ ସେଠୀ, ଜୟନ୍ତ ସୋରେନ୍ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ରୋଟାରୀ କ୍ଲବ, ମିଡ୍‌ଟାଉନ୍ ଓ ଲାୟନ୍ସ କ୍ଲବ୍ ଭଦ୍ରକ ତରଫରୁ ଥଣ୍ଡା ପାନୀୟ ଓ ବିସ୍କୁଟ ପ୍ରଦାନ କରାଯାଇଥିଲା।

କୁଶୁନନଗର ସ୍ଥିତ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଯୋଗ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଗୋକୁଳାନନ୍ଦ ରାଉତ, ପରିବ୍ରାଜକ, ଭଦ୍ରକ ଗାୟତ୍ରୀ ପରିବାର ଏବଂ ମାଷ୍ଟର ପ୍ରତୀକ ସୌରଭ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଜାତୀୟ ଯୋଜନା ଅଧିକାରୀ ରମେଶ ଚନ୍ଦ୍ର ଖଣ୍ଟିଆ ପ୍ରତ୍ୟହ ଯୋଗାଭ୍ୟାସ ପାଇଁ ଅଂଶ ଗ୍ରହଣକାରୀ ମାନଙ୍କୁ ଶପଥ ପାଠ କରାଇଥିଲେ।

ଆରଡ଼ି ଛକ ସ୍ଥିତ ଏନ୍‌ଆର୍‌ଆଇ ଅନ୍ତରାଷ୍ଟ୍ରୀୟ ବିଦ୍ୟାଳୟ ପରିସରରେ ଯୋଗ ଦିବସ ଅଧ୍ୟକ୍ଷ ବିବେକାନନ୍ଦ ସେନାପତିଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରତିଷ୍ଠାତା ନରେନ୍ଦ୍ର ପ୍ରସାଦ ସାହୁ, ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ, ଲକ୍ଷ୍ମୀଧର ନାୟକ, ସୁଶାନ୍ତ କୁମାର ପାଣି ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଲକ୍ଷ୍ମଣ ବିନ୍ଧାଣୀ ଓ ଦୀପକ କୁମାର ବାରିକ ସଭାରେ ସଂଯୋଜନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅନ୍ୟାନ୍ୟ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଓ ସହଯୋଗରେ ଯୋଗ ଦିବସର କାର୍ଯ୍ୟକ୍ରମଟି ସରସ ସୁନ୍ଦର ଭାବେ ପାଳିତ ହୋଇଥିଲା।

ଉତ୍ତରବାହିନୀସ୍ଥ ସାଳନ୍ଦୀ ଜୁନିଅର କଲେଜରେ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ଅଧ୍ୟାପକ ଶୁଭାଶିଷ ଭଟ୍ଟାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଓ ଶିକ୍ଷକ କର୍ମଚାରୀ ଯୋଗାଭ୍ୟାସ କରିଥିଲେ। ପ୍ରାକ୍ତନ ଖେଳ ଶିକ୍ଷକ ତଥା ଯୋଗଗୁରୁ ରାଧାନାଥ ପରିଡ଼ା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଛାତ୍ର ଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ଅଧ୍ୟାପକ ରବୀନ୍ଦ୍ର କୁମାର ପାଢ଼ୀ, ମଧୁମିତା ସ୍ୱାଇଁ, ଅଳକା ସାହୁ, ବିଶ୍ୱଜିତ ରାଉତ, ମହମ୍ମଦ ରେଜାଉଦ୍ଦିନ୍, ଲକ୍ଷ୍ମୀପ୍ରିୟା ଦାସ, କୁଦ୍ଦୁସିଆ ଜମାଲ୍, ରାମଚନ୍ଦ୍ର ସାହୁ, ସୁଷମା ସାହୁ, ସଂଯୁକ୍ତା ପାଢ଼ୀ, ବବିତା ମହାନ୍ତି, ଅମର ପରିଡ଼ା, କୁଳମଣି ନାଥ ଆଦି ଏହି ଅନ୍ତର୍ଜାତିକ ଯୋଗ ଦିବସରେ ସାମିଲ ହୋଇଥିଲେ। ସେହିପରି ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଶତ୍ରୁଘ୍ନ ପତି ଛାତ୍ରୀମାନଙ୍କୁ ଯୋଗର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ଏହି ଯୋଗ ଦିବସକୁ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ସୈମୁର ରେହେମାନ୍ ଖାନଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହେଇଥିଲା। ଏଥିସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରକଳା ଓ ବକ୍ତୃତା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ରାଜଶ୍ରୀ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ସେହିପରି ଆଜି ବିଜୁ କଲ୍ୟାଣ ମଣ୍ଡପରେ ଭଦ୍ରକ ପୌରପାଳିକା ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୌରନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଯୋଗଦେଇଥିଲେ। ପରେ ଯୋଗଗୁରୁ ଉପସ୍ଥିତ ପୌର କର୍ମଚାରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ପାରିଷଦ ଜ୍ୟୋର୍ତିମୟୀ ପଟ୍ଟନାୟକ ଉପସ୍ଥିତ ଥିଲେ।

ଭଦ୍ରକର ସ୍ୱତନ୍ତ୍ର କାରାଗାରରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥି ଉପଲକ୍ଷେ ଆୟୋଜିତ ଯୋଗ ଶିବିରରେ କାରା ଅଧୀକ୍ଷକ ରଷିନାଥ ନାୟକ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଶିବିରରେ ଯୋଗଗୁରୁ ସୁରେଶ ନାୟକ ପ୍ରାୟ ୮୦ ଅନ୍ତେବାସୀଙ୍କୁ ଯୋଗ ଶିକ୍ଷାଦାନ କରିଥିଲେ। ଏହି ଶିବିରରେ ଜମାଦାର ସୁରେନ୍ଦ୍ର ସାମଲ, ସବ୍ ଆସିଷ୍ଟାଣ୍ଟ ଜେଲର ମିନିବାବୁ ସିଂ ପ୍ରମୁଖ ସହଯୋଗ କରିଥିଲେ।

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ଯୋଗ ଶିବିର ଆୟୋଜନ ହୋଇଥିଲା। କାର୍ଯକ୍ରମର ସଂଯୋଜକ ଭଗବାନ ପଣ୍ଡା, ତପନ ମହାନ୍ତି, ଅମ୍ବିକା ଦାସ, ଶରତ ପଡ଼ିହାରି, ଦେବାଂଶୁ ରାଉତ, ବିକାଶ ପାଢ଼ୀଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଯାୟୀ, ଅନ୍ୟୁନ ୪୦୦ ଯୁବକ ଯୁବତୀ, ବୟସ୍କ ଏଥିରେ ଭାଗ ନେଇଥିଲେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସହିତ ବହୁ ବୁଦ୍ଧିଜୀବୀ ଯୋଗ ଦେଇ ଯୋଗ କରିଥିଲେ।

**ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଆଜି ଦଶମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର କୁମାର ପାଢ଼ୀ ଯୋଗ ଦେଇ ପ୍ରାଚୀନ ଯୋଗ ଶିକ୍ଷାର ଉପକାରିତା ସମ୍ପର୍କରେ ଅବଗତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀଙ୍କ ସମେତ ମିଶନ ଶକ୍ତି ବିଭାଗର ସମସ୍ତ ଏମ୍‌ବିକେ, ସିଆର୍‌ପି, ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ପ୍ରମୁଖ ଯୋଗଦେଇ ଯୋଗ ଶିକ୍ଷା ଗ୍ରହଣ କରିଥିଲେ। ଯୋଗ ଦିବସକୁ ଜିପିଓ ମୀନକେତନ ୱବାରିକ, ସାମାଜିକ ସୁରକ୍ଷା ଅଧିକାରୀ ସୂଜୟ ଚାନ୍ଦ, ମିଶନ ଶକ୍ତି ଅଧିକାରୀ ସୁବ୍ରତ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ସ୍ୱର୍ଣ୍ଣମୟୀ ପଣ୍ଡା, ଫିରଦୋଶ ଆଲାମ, ଗୋପାଳ ପଣ୍ଡା, ନାରାୟଣ ଚନ୍ଦ୍ର ପଣ୍ଡା, ନରେନ୍ଦ୍ର ରାଉତ, ନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ।

**ଧାମନଗର:** ଧାମନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଯାଇଯାଇଛି। ଧାମନଗର ମହାବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଅନ୍ୟ ଶିକ୍ଷାନୁଷ୍ଠାନରେ ଯୋଗ ଦିବସ ପାଳିତ ହୋଇଛି। ବ୍ଲକ ତରଫରୁ ଧାମନଗର ହାଇସ୍କୁଲ ସମ୍ମୁଖରେ ନିର୍ମିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ପରିସରରେ ଯୋଗ ଶିକ୍ଷକଙ୍କ ଦ୍ୱାରା ଯୋଗ ଦିବସ ପାଳିତ ହୋଇଥିଲା। ବିଡିଓ ବନବିହାରି ଦିନ୍ଦାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ତହସିଲଦାର ଦୀପକ କୁମାର ଦାସ ଯୋଗ ଦେଇଥିଲେ। ଏଥିରେ ସରପଞ୍ଚ ଅଶୋକ ପୁହାଣ, ପୂର୍ବତନ ଜିଲ୍ଲା ପରିଷଦ ମନୋରଞ୍ଜନ ମଲ୍ଲିକ, ହରେକୃଷ୍ଣ ପାଢ଼ୀ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାତ୍ର, ସମାଜସେବୀ, ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଯୋଗଗୁରୁ ପ୍ରଶନ୍ନ କୁମାର ଷଡ଼ଙ୍ଗୀ ଓ ହେମନ୍ତ ଖିଲାରଙ୍କ ଦ୍ୱାରା ସମସ୍ତଙ୍କୁ ଯୋଗ ପ୍ରଶିକ୍ଷଣ ଦିଆଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟଜିତ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଧାମନଗର ଏନ୍‌ଏସି ତରଫରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଯୋଗ ଦିବସ ପାଳନ କରାଯାଇଛି। ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏଥିରେ ଅତିଥି ଭାବେ ଅଧ୍ୟକ୍ଷା ନିବେଦିତା ଜେନା, ବିଜେପି ନେତା ଶରତ ଚନ୍ଦ୍ର ମହାନ୍ତି, କୈଳାସ ଚନ୍ଦ୍ର ମହାପାତ୍ର, ବୀରେନ୍ଦ୍ର କୁମାର ଜେନା, ଉପାଧ୍ୟକ୍ଷ ୱସିମ ଏଜଦାନି କାଦରି, କାଉନସିଲର ସ୍ୱାଧୀନ ସମ୍ବିତ ଦାସ, ଉତ୍ତମ ମହାନ୍ତି, ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ, ଶିକ୍ଷାବିତ୍ ଅଭିମନ୍ୟୁ ମଲ୍ଲିକ, ସଚ୍ଚିକାନ୍ତ ପଣ୍ଡା, ହୃଦାନନ୍ଦ କର, ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଯୋଗ ଶିକ୍ଷକ ସୁଶ୍ରୀ ସଂଗୀତା ପୃଷ୍ଟି ଓ ରାକେଶ ମହାପାତ୍ରଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ ଦିଆଯାଇଥିଲା। ଧାମନଗର ମହାବିଦ୍ୟାଳୟ ପରିସରରେ ଏକ ବିଶାଳ ସମୂହ ଯୋଗାଭ୍ୟାସ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଯୋଗ ଶିବିରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ପ୍ରମୁଖ ଯୋଗ ଯୋଗଦେଇ ଥିବା ବେଳେ ଅଧ୍ୟକ୍ଷ ଏମ୍‌ଡି.ଇସ୍ରାଇଲ ଯୋଗ ମାଧ୍ୟମରେ ନିରୋଗୀ ଓ ସୁସ୍ଥ ଜୀବନଯାପନ ସମ୍ଭବ ହୋଇପାରିବ ସେଥିପାଇଁ ଏକ ସମୂହ ଶପଥ ପାଠ ଗ୍ରହଣ କରିବା ସହ ଯୋଗ ପ୍ରଶିକ୍ଷଣ ଦିଆଯାଇଛି।

**ଅସୁରାଳି:** ଧାମନଗର ବ୍ଲକ କଲ୍ୟାଣୀ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗାଦେବୀ ସରକାରୀ ସ୍କୁଲରେ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଗୁରୁ ପ୍ରସନ୍ନ ଷଡ଼ଙ୍ଗୀ, ଯୋଗଗୁରୁ ଭାଗୀରଥି ବେହୁରିଆ, ଅଧ୍ୟାପକ କିଶୋର ପୃଷ୍ଟି ପ୍ରମୁଖ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ରଞ୍ଜନ ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଦତ୍ତ, ମନୋରଞ୍ଜନ ଗୋସ୍ୱାମୀ, ବାବାଜୀ ନାଥ, ମୋହନ ଟିସ୍କୁ, ଚିତ୍ତରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇ ଯୋଗର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ସେହିପରି କୋଠାର ମା' ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ରାଉତଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ଖେଳ ଶିକ୍ଷକ ନାରାୟଣ ଚନ୍ଦ୍ର ରାଉତରାୟ ଶପଥ ପାଠ କରାଇ ଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ପ୍ରଭାତ ଧଳ ଓ ଯୋଗ ପ୍ରଶିକ୍ଷକ କିଶୋର ପୃଷ୍ଟି ଛାତ୍ରଛାତ୍ରୀଙ୍କୁ ଯୋଗାଭ୍ୟାସ କରାଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଶ୍ରୀଧର ସାହୁ, ଭଜହରି ଘଡେଇ, ରବୀନ୍ଦ୍ର ପାଣିଗ୍ରାହୀ, ପରେଶ ରାଉତ, ଅଧ୍ୟାପିକା ଅପର୍ଣ୍ଣା ପଣ୍ଡା, ମନୋରମା ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅସୁରାଳି ସ୍ଥିତ ଶ୍ରୀବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଗୁରୁଜୀ ନିତ୍ୟାନନ୍ଦ ପତିଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିଲା। ଧୂଷୁରୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ରମାପଦ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା କଳ୍ପନା ଦେବତା, ଦମୟନ୍ତୀ ସାହୁ, ସରୋଜିନୀ ଯେନା, ରଶ୍ମିତା ସାହୁ, ରାଧାସ୍ମିତା ମୁଦୁଲି, ଶୁଭସ୍ମିତା ପାଗଳ, ରଶ୍ମିତା ବେହେରା, ପିଙ୍କିରାଣୀ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଭଦ୍ରକ:** ଧାମନଗର ବ୍ଲକ ବାଲିପାଟଣା ସ୍ଥିତ ଜୟକିଷାନ ନୋଡାଲ ହାଇସ୍କୁଲରେ ଯୋଗ ଦିବସ ପାଳନ କରାଯାଇଛି। ଶିକ୍ଷକ ରାମସିଂ ଟୁଡୁ ଯୋଗାଭ୍ୟାସ କରାଇଥିବା ବେଳେ ଶିକ୍ଷକ ନିରଦ ନାୟକ ଏହାକୁ ପରିଚାଳନା କରାଇଥଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ବିଜୟକୁମାର ମିଶ୍ର ଭଲ ଛାତ୍ରଟିଏ ହେବା ପାଇଁ ସୁସ୍ଥ ଶରୀରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଯାହା ଯୋଗ ମାଧ୍ୟମରେ ସମ୍ଭବ ହୋଇପାରେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ ଦୁଆରୀ, ଗୌତମ ସେଠୀ, ବିଜୟ ଗୋଚ୍ଛାୟତ, ବିକାଶ ସାମଲ ଓ ଶିକ୍ଷୟିତ୍ରୀ ପ୍ରେମଲତା ଦାସ ପରିଚାଳନାରେ ସହଯୋଗ କରିଥିଲେ।

**ତିହିଡ଼ି:** ତିହିଡ଼ିର ବିଭିନ୍ନ ଅନଷ୍ଠାନ ବିଶେଷ କରି ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଦିଆଯିବା ସହ ଯୋଗର ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦେବେନ୍ଦ୍ର ପ୍ରସାଦ ସାମଲଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସାମ୍ବାଦିକ ରାମନାରାୟଣ ନାୟକ ମୁଖ୍ୟଅତିଥି, ସମାଜସେବୀ ରଘୁନାଥ ପାତ୍ର ମୁଖ୍ୟବକ୍ତା, ଅଧ୍ୟାପକ ରମେଶ ଚନ୍ଦ୍ର ପ୍ରତାପ, ଦେବେନ୍ଦ୍ର କୁମାର ଉଦଗାତା, କମଳାକାନ୍ତ ଓଝା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଞ୍ଜୟ ବାରିକ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ତାଳପଦା ସ୍ଥିତ ମାଣିକଲାଲ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଗିରିଶ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସତ୍ୟବ୍ରତ ବେହେରା, ଅଞ୍ଜଳି ମହାନ୍ତି, ମଧୁସ୍ମିତା ନାୟକ, ଅନସୂୟା ଶତପଥୀ, ଅଞ୍ଜନ ଶତପଥୀ, ନରେନ୍ଦ୍ର ସେନାପତି, ବ୍ରଜ ମଲିକ ଓ ନାରାୟଣ ବାରିକ ପ୍ରମୁଖ ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ରୀଡ଼ା ଅଧ୍ୟାପକ ଅମରନାଥ ନାୟକ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ତିହିଡ଼ି ଚନ୍ଦ୍ର ଶେଖର ରତ୍ନାକର ସହଯୋଗ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଯୋଗଶିକ୍ଷା ପ୍ରଦାନ କରାଯାଇଥିଲା। ଯୋଗ ମହୋତ୍ସବ ସମିତିର ସଂଯୋଜକ ଉମାକାନ୍ତ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ସମ୍ମାନିତ ଅତିଥିଭାବେ ସମାଜସେବୀ ରଘୁନାଥ ପାତ୍ର, ତିହିଡ଼ି ପୁଲିସ କର୍ମଚାରୀ କୁମୁଦିନୀ ବେହେରା, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗିରିଜା ରମଣ ଜେନା, ଆଡଭୋକେଟ ସୂର୍ଯ୍ୟରଞ୍ଜନ ମିଶ୍ର, ପଞ୍ଚାନନ ଦତ୍ତ ପ୍ରମୁଖ ଛାତ୍ରଛାତ୍ରୀଙ୍କ ସହ ଯୋଗ, ଆସନ, ପ୍ରାଣାୟମ ଆଦି ଶିକ୍ଷାଲାଭ କରିଥିଲେ। ସେହିପରି ଜୟପୁର ଶିଶୁ ମନ୍ଦିରରେ ଅନୁଷ୍ଠିତ ଯୋଗ ଶିବିରକୁ ପ୍ରଧାନ ଆଚାର୍ଯ୍ୟ, ଗଣେଶ ପ୍ରସାଦ ରାଉତ ଉଦଘାଟନ କରିଥିଲେ।













## ଦେଶୀ ମଦ ସହ ପିକ୍‌ଅପ୍ ଜବତ;୨ ଗିରଫ

**ଭଦ୍ରକ,୨୧।୬(ସମିସ):** ଅବକାରୀ ବିଭାଗ ଭଦ୍ରକ ଭ୍ରାମ୍ୟମାଣ ୟୁନିଟ୍ ପକ୍ଷରୁ ଗଠିତ ଏକ ସ୍ୱତନ୍ତ୍ର ଟିମ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆରଡ଼ି ଛକ ଓଭର୍ ବ୍ରିଜ୍ ନିକଟରେ ଏକ ପିକ୍‌ଅପ୍ ସହ ୫୦୦ ଲିଟର ଦେଶୀ ରନ୍ଧା ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ସାରୋ ଗ୍ରାମରୁ ଅଜିତ୍ କୁମାର ଜେନା ଓ ଅଜୁ ଜେନାଙ୍କୁ ଗିରଫ କରାଯାଇଛି। ଆଜି ସକାଳ ପ୍ରାୟ ସାଢେ ୬ଟାରେ ଅବକାରୀ ନିରୀକ୍ଷକ ସୁଶ୍ରୀ ସଂଗୀତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଟିମ୍ ଆରଡ଼ି ଛକରେ ପାଟ୍ରୋଲିଂ କରୁଥିବା ବେଳେ କେନ୍ଦୁଝର ଜିଲ୍ଲାରୁ ଭଦ୍ରକ ଆଡନକୁ ଯାଇଥିବା ଏକ ପିକ୍‌ଅପ୍‌କୁ ସନ୍ଦେହ କରି ଯାଞ୍ଚ କରିଥିଲେ। ଯାଞ୍ଚରୁ ସେଥିରୁ ମଦ ବାହାରିଥିଲା। ଜବତ ହୋଇଥିବା ମଦ ଓ ଗାଡ଼ିର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ଉରେ ଏସ୍‌ଆଇ ରବି ବେହେରା, ଏଏସ୍‌ଆଇ ରଶ୍ମିରେଖା ଜେନା, କନେଷ୍ଟବଳ ସୁବାସିସ୍ ରାଉତ୍, ମିଥୁନ ଜେନା, ଅଜୟ କୁମାର ଦାସ, ବିଭୂପ୍ରସାଦ ମଲ୍ଲିକ ପ୍ରଭୃତି ସାମିଲ ଥିଲେ। ଏନେଇ ଭଦ୍ରକ ଭ୍ରାମ୍ୟମାଣ ୟୁନିଟ୍ ପକ୍ଷରୁ ଘଟଣାରେ ଏକ ମାମଲା ରୁଜୁ କରାଯାଇଛି।

## ମହିଳାଙ୍କୁ ଭୁଜାଲିରେ ହାଣି ଲୁଟିନେଲେ ସୁନା ଅଳଙ୍କାର

**ବାସୁଦେବପୁର,୨୧।୬(ସମିସ) :** ବାସୁଦେବପୁର ଥାନା ବାଗଦା ବିନାୟକପୁର ସ୍ଥିତ ଇଛାପୁର ରାସ୍ତା କଡ଼ରେ ରହୁଥିବା ଏକ ପରିବାରରୁ ସଶସ୍ତ୍ର ଡକାୟତି ଘଟଣା ଘଟିଯାଇଛି। ଦୁର୍ବୃତ୍ତ ଚୋରି କରୁଥିବା ସମୟରେ ଉଠିପଡି ମହିଳା ଜଣକ ପ୍ରତିବାଦ କରିବାରୁ କୌଣସି ଏକ ମାରଣାସ୍ତ୍ରରେ ବେକକୁ ହାଣି ଚମ୍ପଟ ମାରିଛନ୍ତି ଲୁଟେରା। ମହିଳାଙ୍କ ପାଖରେ ଶୋଇଥିବା ଝିଅର ଅଭିଯୋଗକୁ ଆଧାର କରି ପୁଲିସ ଛାନଭିନ କରୁଛି। ତେବେ ମହିଳା ଜଣକ କଟକରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ସ୍ଥାନୀୟ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ସହ ଘଟଣାସ୍ଥଳରେ ଛାନ୍‌ଭିନ ଜାରି ରଖିଥିବା ଦେଖିବାକୁ ମିଳିଛି।

**ଚିକିତ୍ସାଧୀନ ଅବସ୍ଥାରେ ମହିଳା ମୃତ**

ବାଗଦା ବିନାୟକପୁର ଗାଁର ରବୀନ୍ଦ୍ର ବେହେରା ସାବରପୁର ଛକ ନିକଟ ବାସୁଦେବପୁର-ଇଛାପୁର ରାସ୍ତା ପାର୍ଶ୍ୱରେ ଘର କରି ରହୁଛନ୍ତି। ରବୀନ୍ଦ୍ର ବାଙ୍ଗାଲୋରରେ କାମ କରୁଥିବା ବେଳେ ଘରେ ପତ୍ନୀ ସସ୍ମିତା(୩୨) ଓ ଝିଅ ଚିନ୍ମୟୀ(୧୨) ରହୁଛନ୍ତି। ତେବେ ଗତ ଗୁରୁତର ରାତିରେ କେହି ଦୁର୍ବୃତ୍ତ ଘରର କବାଟ ତାଡ଼ି ଭିତରକୁ ପ୍ରବେଶ କରିଥିଲା। ତେବେ ଏହି ସମୟରେ ସସ୍ମିତା ଉଠିଯିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଧାରୁଆ ଅସ୍ତ୍ରରେ ବେକକୁ ଆଘାତ କରିଥିଲେ। ଏହା ପରେ ଘରେ ଥିବା ସମସ୍ତ ସୁନା ରୁପା ଅଳଙ୍କାର ଓ ନଗଦ କିଛି ଟଙ୍କା ନେଇ ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ସସ୍ମିତା ରକ୍ତ ଜୁଡୁବୁଡୁ ହୋଇ ନିକଟରେ ରହୁଥିବା ବାପ ଘର ଲୋକଙ୍କୁ ଡାକ ପକାଇଥିବା ବେଳେ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ଭଦ୍ରକ ଚିକିତ୍ସା ପାଇଁ ନେଇ ଯାଇଥିଲେ। ହେଲେ ସସ୍ମିତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ପଠାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବାସୁଦେବପୁର ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହିତ ଝିଅ ଚିନ୍ମୟୀଙ୍କ ବୟାନ ରେକର୍ଡ କରିଥିବା ଜାଣିବାକୁ ମିଳିଛି। ଏହି ଘଟଣାରେ ପୁଲିସ ପ୍ରାଥମିକ ତଦନ୍ତ କରିଥିବା ସହ ସାଇଣ୍ଟିଫିକ ଦଳ ଓ ସନ୍ଧାନୀ କୁକୁରର ସହାୟତା ଲୋଡିଥିବା ସୂଚନା ଦେଇଛି।

## ବିଦ୍ୟାର୍ଥୀ ବିକାଶ ମଞ୍ଚର ସ୍ୱତନ୍ତ୍ର ବୈଠକ



**ଭଦ୍ରକ,୨୧।୬(ସମିସ):** ଭଦ୍ରକ ଜାନୁଗଞ୍ଜ ସ୍ଥିତ ପବିତ୍ର ଦିବ୍ୟମ ପରିସରରେ ବିଦ୍ୟାର୍ଥୀ ବିକାଶ ମଞ୍ଚର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ସଭା ପରିଚାଳନାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ.ଦେବେନ୍ଦ୍ର ନାଥ ରାଉତ ଭଦ୍ରକରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସଂପର୍କରେ ଆଲୋଚନା କରିଥିଲେ। ଖୁବଶୀଘ୍ର ଭଦ୍ରକର ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ଆସିଥିଲା। ଅନ୍ୟତମ ଉପଦେଷ୍ଟା ଡ.ବ୍ରଜମୋହନ ମିଶ୍ର ଭଦ୍ରକ ଡିଆରଡିଏ ନିକଟସ୍ଥ ବାଗୁରାଇ ଆଦିବାସୀ କଲୋନୀରେ ଚାଲିଥିବା ବନବାସୀ ବିଦ୍ୟାର୍ଥୀ ସଂସ୍କାରକେନ୍ଦ୍ର କାର୍ଯ୍ୟକ୍ରମକୁ ଆହୁରି ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଚିକିତ୍ସକ ଡା. ରବିନ୍ଦ୍ର କୁମାର ନାୟକ, ପ୍ରଫେସର ଲକ୍ଷ୍ମୀଧର ରାଉତ, ପ୍ରାଧ୍ୟାପିକା ରାଧାରାଣୀ ମହାପାତ୍ର, ଶିକ୍ଷୟିତ୍ରୀ ଗୀତାରାଣୀ ଆଇଚ, ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ, ଶିକ୍ଷକ ତଥା ସାମାଜିକକର୍ମୀ ଶାନ୍ତନୁ କୁମାର ରାଉତ, ସମାଜସେବୀ ଅତୁଲ ଦେ, ମହିଳା ସାମାଜିକ କର୍ମୀ ପ୍ରମୋଦା ମହାରଣା, ଉଦ୍ୟାନବିତ୍ ବିଚିତ୍ରାନନ୍ଦ ମହାନ୍ତି, ପ୍ରାଧ୍ୟାପକ ସଂଗ୍ରାମ କେଶରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ରାଇମଣି ଛକ ଟ୍ରିପିଲ ମର୍ଡର ମାମଲା**

# ୨୦ ଟଙ୍କା ମାଗି ନିରାଶ ହେବାରୁ ଆଈକୁ ହତ୍ୟା

**ଭଦ୍ରକ,୨୧।୬(ସମିସ)**

ଜଣେ ୧୪ବର୍ଷର ନାବାଳକ ଦୁଇ ଦିନରେ ୩ଜଣଙ୍କୁ ହତ୍ୟା କରିବା ଭଳି ସଙ୍ଗୀନ ମାମଲାରେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଅଭିଯୁକ୍ତ ନାବାଳକ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି। ଏହି ବୀଭତ୍ସ ଘଟଣାରେ ପୁଲିସ ୨ଟି ଏତଲା କ୍ରମେ ୨ଟି ହତ୍ୟା ମାମଲା ରୁଜୁ କରିଛି। ପ୍ରଥମ ମାମଲାଟି ମୃତା ସୁକାନ୍ତି ମୁଣ୍ଡାଙ୍କ ସ୍ୱାମୀ ରାଜୁ ମୁଣ୍ଡାଙ୍କ ଏତଲାକ୍ରମେ (କେଶ ନଂ-୪୦୮/୨୪) ରୁଜୁ ହୋଇଥିବା ବେଳେ ୨ୟ ମାମଲାଟି ଅଭିଯୁକ୍ତ ନାବାଳକର ମା' ରୁବି ମୁଣ୍ଡାଙ୍କ ଏତଲାକ୍ରମେ (କେଶ ନଂ-୪୦୯/୨୪) ରୁଜୁ ହୋଇଥିବା ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ ସୂଚନା ଦେଇଛନ୍ତି। ଏହି ଛାତିଥରା ହତ୍ୟାକାଣ୍ଡ ଘଟଣାରେ ପୁଲିସ ତଦନ୍ତ କାଳରେ ସଂପୃକ୍ତ ନାବାଳକ ଏହି ୩ଟି ହତ୍ୟା କରିଥିବା ସ୍ୱୀକାର କରିବା ସହ କ୍ରାଇମସିନ୍ ରିକ୍ରିଏସନରେ ସବିଶେଷ ତଥ୍ୟ ପୁଲିସକୁ ଦେଖାଇଛି। ତେବେ ଏହି ହତ୍ୟାକାଣ୍ଡର କାରଣ ଦୁଷ୍କର୍ମ ବୋଲି ଯାହା ମୃତା ମହିଳାଙ୍କ ସ୍ୱାମୀ ରାଜୁ ମୁଣ୍ଡା କରିଥିବା ଅଭିଯୋଗକୁ ପୁଲିସ ଅସ୍ୱୀକାର କରିଛି। ମାତ୍ର ୨୦ଟଙ୍କା ପାଇ ନିଜ ଆଇମା' ସୁମତି ମୁଣ୍ଡାଙ୍କୁ ଶାଢ଼ିରେ ତଣ୍ଟିକୁ ଚିପି ହତ୍ୟା କରିଥିଲା ଅଭିଯୁକ୍ତ। ସେହିଭଳି ରାଜୁ ମୁଣ୍ଡାଙ୍କ ସ୍ତ୍ରୀ ସୁକାନ୍ତି ମୁଣ୍ଡାଙ୍କୁ ଅଭିଯୁକ୍ତ ନାବାଳକ ଦେଇଥିବା ୧ହଜାର ଟଙ୍କା ଫେରସ୍ତ କରିବାକୁ ଦାବି କରି ତାଙ୍କ ବେକକୁ ବି ଶାଢ଼ିରେ ଚାପି ହତ୍ୟା କରିଥିଲେ। ଆଉ ନିଜ ମା'ର ହତ୍ୟାକୁ ଦେଖିଥିବା ୬ବର୍ଷର ଶିଶୁକନ୍ୟାକୁ ଗୋଡାଇ ଗୋଡାଇ ଏକ କଲଭର୍ଟ ନିକଟରେ ପଥରରେ ଛେଚି ଅତି ବୀଭତ୍ସ ଭାବେ ହତ୍ୟା କରିଥିବା ପୁଲିସ ସୂଚନାରୁ ଜଣାଯାଇଛି। ତେବେ ଏସବୁ କାଣ୍ଡ ନିଶାସକ୍ତ ଅବସ୍ଥାରେ କରିଥିବା ସନ୍ଦେହ କରାଯାଉଛି।

ଏଠାରେ ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧୀନ ଗଣିଜଙ୍ଗ ପଞ୍ଚାୟତ ରାଇମଣି ଛକରେ ଗତ ୧୯ ତାରିଖରେ ଜଣେ ଆଦାବାସୀ ମହିଳାଙ୍କୁ ବେକରେ ଶାଢ଼ି ଦ୍ୱାରା ତଣ୍ଟି ଚିପି ହତ୍ୟା କରିବା ପରେ ତାଙ୍କ ୬ବର୍ଷର ଝିଅକୁ ପଥରରେ ଛେଚି ହତ୍ୟା କରିଥିବା ପୁଲିସ ଜାଣିଥିଲା। ଘଟଣାର ପରଦିନ ୨୦ତାରିଖ ସକାଳେ ଘଟଣାସ୍ଥଳରୁ କିଛି ଦୂରରେ ଏକ ବୁଦା ମୂଳରୁ ଜଣେ ମହିଳାଙ୍କ ଗଳିତ ଶବକୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ମୃତ ଦେହଟି ହେଉଛି ହତ୍ୟା ଅଭିଯୁକ୍ତ ନାବାଳକ (୧୪ବର୍ଷ)ଙ୍କ ଆଈ ସୁମତି ମୁଣ୍ଡାଙ୍କର ବୋଲି ସ୍ପଷ୍ଟ ହୋଇଥିଲା। ୩ଟି ହତ୍ୟା ଘଟଣାକୁ ବି ସଂପୃକ୍ତ ନାବାଳକ ସ୍ୱୀକାର କରିଥିବା ପୁଲିସ ସୂଚନା ଦେଇଥିବା ବେଳେ ଘଟଣାରେ ଏକ ୨ଟି ହତ୍ୟା ମାମଲା ରୁଜୁ କରି ଆଜି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି। ଅନ୍ୟପକ୍ଷରେ ଏହି ବୀଭତ୍ସ ଟ୍ରିପିଲ ମର୍ଡର ବା ହତ୍ୟାକାଣ୍ଡକୁ ଜଣେ ୧୪ବର୍ଷ ୧୦ମାସ ବୟସର ନାବାଳକ ଏକାକୀ କରିଥିବା ପୁଲିସ ସୂଚନା ଦେଇଛି।



**ଅଭିଯୁକ୍ତ ନାବାଳକ ଜେଜେ ବୋର୍ଡରେ ହାଜର**

**ହଜାରେ ଟଙ୍କା ଦେଇ ନଥିବାରୁ ମହିଳା ଓ ନାବାଳିକାକୁ ମାରିଦେଲା**

## ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ



**ଭଦ୍ରକ,୨୧।୬(ସମିସ):** ଭଦ୍ରକ ବାଗୁରାଇସ୍ଥିତ ବିଜୁ ପଟ୍ଟନାୟକ ଇନ୍ଦୋର ଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବର୍ଗର ଖେଳାଳିମାନଙ୍କର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମଥର ପାଇଁ ଭଦ୍ରକ ଜିଲ୍ଲାରେ ଏହିପରି ଏକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଶତାଧିକ ବାଳକ ଓ ବାଳିକା ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଧାୟକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ବିଶିଷ୍ଟ ଅତିଥି ଭାବେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘର ସଂପାଦକ ନିଳିନ କୁମାର ମହାନ୍ତି, ଅନ୍ୟତମ ଅତିଥି ଭାବେ ଓଡ଼ିଶା ବ୍ୟାଡମିଣ୍ଟନ ସଂଘର ମୁଖ୍ୟ ପ୍ରଶିକ୍ଷକ କମଲ ପ୍ରସାଦ ଦାସ, ଯୁଗ୍ମ ସଂପାଦକ ଜୟ ପ୍ରକାଶ ସିଂ, ବାଲେଶ୍ୱର ବ୍ୟାଡମିଣ୍ଟନ ସଂଘର ସଂପାଦକ ମନୋରଞ୍ଜନ ପଣ୍ଡା, କାନାରା ବ୍ୟାଙ୍କର ମୁଖ୍ୟ ପରିଚାଳକ ତାପସ ରଞ୍ଜନ ବେହେରା, ଓଡ଼ିଶା ରାଜ୍ୟ ବ୍ୟାଡମିଂଟନନର ସଂଘର ମୁଖ୍ୟ ରେଫେରି ସ୍ୱାଧୀନ ମିଶ୍ର, ଭଦ୍ରକ ବ୍ୟାଟମିଣ୍ଟନର ସଂଘର ସଭାପତି ଜୟପ୍ରକାଶ ଜେନା, ସଂପାଦକ ସମୀର କାନ୍ତ ଦାସ, ଉପସଭାପତି ମହେଶ ପ୍ରସାଦ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏପରି ଏକ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭଦ୍ରକରେ ଆୟୋଜିତ ହେଉଥିବାରୁ ନିଶ୍ଚିତ ଭାବରେ ଏହା ଭଦ୍ରକର ଗୌରବ ବୃଦ୍ଧି କରିବାରେ ସହାୟକ ହୋଇଛି ବୋଲି କହିଥିଲେ। ସନ୍ଧ୍ୟା ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜିବ କୁମାର ମଲ୍ଲିକ ଏହି ପ୍ରତିଯୋଗିତାରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଭଦ୍ରକ ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ଲୋକସଂପର୍କ ଅଧିକାରୀ ରୂପକ ବିହାରୀ ରାୟଙ୍କ ପରିଚାଳନାରେ ଆୟୋଜିତ ଏହି ଉତ୍ସବରେ ଅଜୟ ନାୟକ, ସୁଧାକର ରାଉତ ପ୍ରମୁଖ ଯୋଗଦେଇଥିବା ବେଳେ ଅନ୍ୟମାନନକ ମଧ୍ୟରେ ସୁଜାତାରାଣୀ ସାହୁ, ଜୟାନନ୍ଦ ସାହୁ, ନୀଳାଦ୍ରି ମହାନ୍ତି, ବିଶ୍ୱନାଥ ଦତ, ପରେଶ ବାରିକ, ବିଭୁକଲ୍ୟାଣ ବାରିକ, ଯଶବନ୍ତ ସିଂହ, ଅନୁପ ନାୟକ, ତାପସ ରାୟ, ଅନୁପ ଦାସ, ଶ୍ୟାମବେହେରା ଓ ତନ୍ମୟ ସିଂ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ଆଇନ୍ ସଚେତନତା



**ଭଦ୍ରକ,୨୧।୬(ସମିସ):** ଜିଲ୍ଲା ଆଇନ୍ ପ୍ରାଧୀକରଣ ପକ୍ଷରୁ ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ଥିବା ସରକାରୀ ଯୋଜନା ତଥା ଆଇନ୍ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ନେହା ଅଗ୍ରୱାଲ, ସଚିବ, ଆଇନଜୀବୀ ଦିବ୍ୟସିଂହ ନାୟକ, ଭଦ୍ରକ ଏଲ୍‌ଏଡିଏସ୍‌ର ଡେପୁଟି ସଦସ୍ୟ ଭଦ୍ରକ ମୋଜାହିଦ୍ ଅଖତ୍‌ର, ଏଲ୍‌ଏଡିଏସ୍‌ର ସହକାରୀ ସଦସ୍ୟ ଡ. ତାପସ କୁମାର ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ମୁର୍ମୁ, ସହକାରୀ ଶିକ୍ଷକ ଚନ୍ଦ୍ରଭାନୁ ନାୟକ, ପିଏଲ୍‌ଭି ଅର୍ଣ୍ଣପୂର୍ଣ୍ଣା ସାହୁ ପ୍ରମୁଖ ଯୋଗଦେଇ ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ଥିବା ସେବା ପ୍ରାଧୀକରଣ ସମସ୍ତ ସଦସ୍ୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

**• ସ୍ତ୍ରୀକୁ ତଣ୍ଟି ଚିପି ହତ୍ୟା କଲା ସ୍ୱାମୀ**

## ଅଭିଯୁକ୍ତକୁ ଗିରଫ କଲା ପୁଲିସ

**ବନ୍ତ/ଆଗରପଡ଼ା,୨୧।୬(ସମିସ):** ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ପାଚେରି ପଛପଟୁ ଶୁକ୍ରବାର ସକାଳେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ସୋରୋ ଥାନା, ବିଦ୍ୟାଧରପୁର ଆମ୍ବନାଳିଆ ଗ୍ରାମର କୁନି ପୂର୍ତ୍ତୀ(୪୪) ଗତ କିଛି ବର୍ଷ ତଳେ ବରପଦାର ଲମ୍ବୋଧର ପୂର୍ତ୍ତୀଙ୍କୁ ବିବାହ କରିଥିଲେ। କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ ହେବାରୁ କୁନି ତାଙ୍କ ୨ପୁଅଙ୍କ ସହ ଆଗରପଡ଼ାରେ ଘରଭଡ଼ା ନେଇ ରହୁଥିଲେ। ଲମ୍ବୋଧର ମଧ୍ୟ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରି ଅନ୍ୟତ୍ର ରହୁଥିଲେ। ଗୁରୁବାର ଲମ୍ବୋଧର କୁନି ରହୁଥିବା ଭଡ଼ା ଘରକୁ ଆସି ଘରେ ରହିବା ସହ କୁନିକୁ ଶୌଚ ବାହାନାରେ ପାଖ ଖୋଲା ପଡ଼ିଆକୁ ଡାକିଥିଲା ଓ ସେମାନେ ଉଭୟ ଶୌଚ ପାଇଁ ଖୋଲା ପଡ଼ିଆକୁ ଯାଉଥିବାର ଲୋକେ ମଧ୍ୟ ଦେଖିଥବାର ଜଣାପଡ଼ିଛି। କୌଣସି କାରଣବଶତଃ ଲମ୍ବୋଧର ରାଗିଯାଇ କୁନିଙ୍କ ତଣ୍ଟି ଚିପି ହତ୍ୟା କରିଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ମୃତଦେହ ନିକଟରେ ଶୌଚ ପାଇଁ ବ୍ୟବହୃତ ନୋଟା ଓ ପିନ୍ଧିଥିବା ଚପଲ ପଡ଼ିଛି। ଘଟଣା ପରଠାରୁ ଲମ୍ବୋଧର ଫେରାର ଥିଲା। କୁନିର ପିତାଙ୍କ ଅଭିଯୋଗ ପରେ ଆଗରପଡ଼ା ପୁଲିସ ଥାନା କେସ ନଂ ୧୩୯/୨୦୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଫୋନ ଟ୍ରାକିଂରୁ ଅଭିଯୁକ୍ତ ଲମ୍ବୋଧର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କେନ୍ଦୁଆପଦା ଫାଣ୍ଡି ନିକଟସ୍ଥ ଅଳଉତି ଗ୍ରାମରୁ ଗିରଫ କରିଥିଲା। ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ବିଧାୟକଙ୍କ ପଞ୍ଚାୟତ ଗସ୍ତ



**ବାରିକପୁର,୨୧।୬(ସମିସ):** ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଆଜି ପାଟୁଳି ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶଦ କରିଛନ୍ତି। ସେଠାରେ ତାଙ୍କୁ ସରପଞ୍ଚ ଅନିତାରାଣୀ ରାଉତଙ୍କ ସମେତ ଶହଶହ ଗ୍ରାମବାସୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହାଛଡା ଉପସ୍ଥିତ କର୍ମୀଙ୍କ ଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିବା ବେଳେ ଆଗାମୀ ଦିନରେ ସମସ୍ତ ସୁବିଧା ଅସୁବିଧା କଥା ବୁଝିବେ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ ବାସୁଦେବ କାଣ୍ଡିଙ୍କ ପୁଅ ରାମକୃଷ୍ଣଙ୍କ ଅକାଳ ବିୟୋଗ ସମ୍ପର୍କରେ ସୂଚନା ପାଇ ବିଧାୟକ ତାଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏହାଛଡା ଧର୍ମ ପରାୟଣା ସାବିତ୍ରୀ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ପଞ୍ଚାୟତ ବିଜେଡି ସଭାପତି ଅଭୟ ବେହେରା, ଯୁବ ବିଜେଡିନେତା ନିଳାମ୍ବର ରାଉତ, ଯୁବ ସଭାପତି ମନୋଜ ଜେନା, ମନୋଜ ସାହୁ, ସନ୍ତୋଷ ନାୟକ, ସୁଦର୍ଶନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଯାତ୍ରା ରାଜନନ୍ଦିନୀର ଆଖଡ଼ା ପୂଜା



**ଭଦ୍ରକ,୨୧।୬(ସମିସ):** ଯାତ୍ରା ରାଜନନ୍ଦିନୀରର ତୃତୀୟ ବାର୍ଷିକ ଆଖଡ଼ା ପୂଜା ଇଛାପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ରାଜନନ୍ଦିନୀର ଭଦ୍ରକ ଜିଲ୍ଲାର ଏକମାତ୍ର ଆଭିଜାତ୍ୟ ସମ୍ପର୍ଣ୍ଣ ଯାତ୍ରାନୁଷ୍ଠାନ। ଓଡ଼ିଶାର ଅନେକ ଆଗଧାଡିର କଳାକାରମାନଙ୍କୁ ନେଇ ପ୍ରତିଷ୍ଠିତ ଏହି ଯାତ୍ରାନୁଷ୍ଠାନ ଇତି ମଧ୍ୟରେ ଓଡିଶାର କୋଣ ଅନୁକୋଣରେ ତାର ଦର୍ଶକ ଆଦୃତି ବଢ଼ାଇ ଚାଲିଛି। ୨୦୨୪-୨୫ ଯାତ୍ରା ଋତୁର ଆରମ୍ଭରେ ଅନୁଷ୍ଠିତ ତାର ଆଖଡ଼ା ପୂଜାରେ ଏହାର ସତ୍ତ୍ୱାଧିକାରୀ ଇଂ.ସ୍ମୃତିରଞ୍ଜନ ପଲାଇ ସସ୍ତ୍ରୀକ ହୋମଯଜ୍ଞ କରିଥିଲେ। ସକାଳୁ ମା' ଶାରଳା, ମା' ତାରିଣୀ ଓ ବାବା ଆଖଣ୍ଡଳମଣିଙ୍କ ପାଖରୁ ଆସିଥିବା ଆଜ୍ଞାମାଳକୁ ସ୍ଥାପନ କରା ଯାଇଥିଲା। ମୁଖ୍ୟ ପରିଚାଳକ ପ୍ରଦୀପ କୁମାର ମିଶ୍ର (ଭାନୁ ବାବୁ)ଙ୍କ ସହଯୋଗିତାରେ ପ୍ରଥମ ପର୍ଯ୍ୟାୟ ହୋମଯଜ୍ଞ ସମାପ୍ତ ପରେ ସନ୍ଧ୍ୟାରେ ସାଂସଦ ଅଭିମନ୍ୟୁ ସେଠୀ ଉଦ୍‌ଘାଟନ କରିଥିଲେ। ଅତିଥି ଭାବରେ ଡେପୁଟି କଲେକ୍ଟର କାର୍ତ୍ତିକ ଚନ୍ଦ୍ର ମଣ୍ଡଳ, ସମାଜସେବୀ ଶେଖର ମହାପାତ୍ର, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଜୟ ଦାସ, ସମାଜସେବୀ ଦେବେନ୍ଦ୍ର ପୁହାଣ, ନାରୀନେତ୍ରୀ କଳ୍ପନା ଯେନା, ସ୍ଥାନୀୟ ସରପଞ୍ଚ ନରହରି ସାହୁ, ସମିତି ସଭ୍ୟ ପ୍ରତିନିଧି ଅଜୟ ପଲାଇ, ପୂର୍ବତନ ସରପଞ୍ଚ ମହେଶ୍ୱର ପଲାଇ ପ୍ରମୁଖ ଯୋଗ ଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ମଞ୍ଚ ସଞ୍ଚାଳନ କରିଥିଲେ ଯାତ୍ରା ରାଜନନ୍ଦିନୀର ଆଇନ ପରାମର୍ଶଦାତା ଅଧିବକ୍ତା ଗଦାଧର ବଳ। ଅନେକ ଶୁଭେଚ୍ଛୁ, ଦର୍ଶକ ଓ ଯାତ୍ରା ରାଜନନ୍ଦିନୀର ସମସ୍ତ କଳାକାର, ଟେକ୍‌ନିସିଆନ ଉପସ୍ଥିତ ଥିଲେ।

**ଯାଦୁଗରୀ କଲା ମହଙ୍ଗା ପଡ଼ିଲା**

# ଅଚଳ ଦୁଇ ହଜାର ଟଙ୍କା ନେଉଥିବା ଗ୍ୟାଙ୍ଗ ଗିରଫ

**ବାସୁଦେବପୁର,୨୧।୬(ସମିସ)**



**୫୧ ଖଣ୍ଡ ଅଚଳ ନୋଟ୍ ଜବତ**

ବାସୁଦେବପୁର ଥାନା ବ୍ରାହ୍ମଣଗାଁ ବୈକୁଣ୍ଠପୁର ଗ୍ରାମରୁ ଏକ ଯାଦୁଗରୀ ର୍ୟାକେଟକୁ ସ୍ଥାନୀୟ ପୁଲିସ ଗିରଫ କରିଛି। ଅଚଳ ଖଣ୍ଡେ ୨ ହଜାର ନୋଟ ବଦଳରେ କାହାକୁ ୧୦ ହଜାର ତ ଆଉ କାହାକୁ ୧୫ ହଜାରରେ ଟଙ୍କା ଦେଉଥିବା ପୁଲିସ ତଦନ୍ତ କରି ଜାଣିବାକୁ ପାଇଛି। ଆଉ ଏହି ଟଙ୍କା ଖଣ୍ଡିଏ ନେଲେ କୋଟିପତି ପାଲଟି ଯିବା ସହିତ ସମସ୍ତ ଅସାଧ୍ୟ କାମ ସାଧନ କରିପାରିବେ ବୋଲି ଗରାଖମାନଙ୍କୁ ଭୂଆଁ ବୁଲାଇ ମୋଟା ଅଙ୍କ ରୋଜଗାର ଲକ୍ଷରେ ଥିବା ନବରଙ୍ଗପୁର ଜିଲ୍ଲାର ଜୈନିକ ସାମ୍ବାଦିକ କହୁଥିବା ଯୁବକ ସୁବଳ କୁମାର ଚୌଧୁରୀକୁ ପୁଲିସ ଗିରଫ କରିଛି। ଉକ୍ତ ଦୁଇ ହଜାର ଟଙ୍କିଆ ଏକ ନୋଟ ୧୦ ହଜାର ଟଙ୍କାରେ କିଣି ତାକୁ ଲୋକଙ୍କୁ ୨୦ ହଜାରରେ ବିକ୍ରି କରିବା ପାଇଁ ସୁବଳ ଏଜେନ୍ସିର ଯୁବକମାନଙ୍କୁ ପ୍ରବର୍ତ୍ତାଉଥିଲେ। ତାଙ୍କ ସହିତ ସ୍ଥାନୀୟ ବୈକୁଣ୍ଠପୁର ଗ୍ରାମର ଲକ୍ଷ୍ମୀଧର ପତି ନାମକ ଯୁବକ ଓ ପ୍ରତିଷ୍ଠାନ ନାମକ ଜଣେ ଯୁବକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଲୁଟର ଶିକାର ହୋଇଥିବା ନାୟକାଣିଡିହୀ ଥାନା ଅଞ୍ଚଳର ଯୁବକର ଅଭିଯୋଗକୁ ଆଧାର କରି ସ୍ଥାନୀୟ ପୁଲିସ ଏହି ଲୁଟେରା ଦଳକୁ କାବୁ କରିଥିବା ସୂଚନା ମିଳିଛି। ଗତ ଗୁରୁବାର ମଧ୍ୟାହ୍ନରେ ସ୍ଥାନୀୟ ବୈକୁଣ୍ଠପୁର ଗ୍ରାମର ଏକ ନିଛାଟିଆ ସ୍ଥାନରେ ଏଜେନ୍ସିର କେତେକ ଯୁବକଙ୍କ ସହିତ ଡିଲ ହେଉଥିବା ବେଳେ ପୁଲିସ ଖବର ପାଇ ଅତର୍କିତ ମାଡି ବସିଥିଲା। ଏଥିସହିତ ସେମାନଙ୍କ ନିକଟରେ ୫୧ ଖଣ୍ଡ ଅଚଳ ୨୦୦୦ ଟଙ୍କିଆ ନୋଟ ମିଳିଥିବା ସହ ୩୦ ଖଣ୍ଡ ୫୦୦ ଟଙ୍କିଆ ନୋଟ ମଧ୍ୟ ମିଳିଥିବା ପୁଲିସ ଆଜି ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛି। ସ୍ଥାନୀୟ ଏସଡିପିଓ ସୌରଭ ଓତା ଓ ଥାନାଧିକାରିଣୀ ଲୋପାମୁଦ୍ରା ନାୟକ ଏହି ସୂଚନା ଦେଇଛନ୍ତି।

# ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ଆରମ୍ଭ

କେନ୍ଦୁଝର,୨୧।୬(ସମିସ)



କେନ୍ଦୁଝର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଶୁକ୍ରବାର ଠାରୁ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ (ଏଡିଟିଏସ୍) ଆରମ୍ଭ ହୋଇଛି। ପ୍ରଥମ ଦିନରେ ୫୦ ଜଣଙ୍କ ଏଡିଟିଏସ୍ ପରୀକ୍ଷା ହୋଇଥିବା ସୂଚନା ମିଳିଛି। ଏହି ଏଡିଟିଏସ୍ ଟେଷ୍ଟିଂ ଟ୍ରାକ୍ ବ୍ୟବସ୍ଥାରେ ଶତ ପ୍ରତିଶତ ସ୍ୱଚ୍ଛତା ରକ୍ଷା କରାଯିବା ସହ ସିସି କ୍ୟାମେରା ଜରିଆରେ ଆବେଦନକାରୀଙ୍କ ଡ୍ରାଇଭିଂ ଟେଷ୍ଟ ସଠିକ ଓ ନିର୍ଭୁଲ ଭାବେ ଯାଞ୍ଚ କରାଯାଉଛି। ଆଞ୍ଚଳିକ ପରିବହନ ବିଭାଗରେ ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ଏଡିଟିଏସ୍ ଶୁଭାରମ୍ଭ କରାଯାଇଛି। ଏହି ଏଡିଟିଏସ୍ ଟ୍ରାକ୍ ବ୍ୟବସ୍ଥାରେ କେନ୍ଦୁଝର ଆଞ୍ଚଳିକ ପରିବହନ ବିଭାଗରେ ଶତ ପ୍ରତିଶତ ସ୍ୱଚ୍ଛତା ରକ୍ଷା କରାଯିବା ସହ ଦଲାଲ ଓ ମଧ୍ୟସ୍ଥଙ୍କ ଭୂମିକାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏଡିଟିଏସ୍‌ର ସିସି କ୍ୟାମେରା ଓ ଭିଡିଓ ଆନାଲିଟିକ୍ ସିଷ୍ଟମ ଜରିଆରେ ଆବେଦନକାରୀଙ୍କ ଡ୍ରାଇଭିଂ ଟେଷ୍ଟ ସ୍ୱଚ୍ଛତାର ସହ ଓ ନିର୍ଭୁଲ ଭାବେ କରାଯାଉଛି। ଡ୍ରାଇଭିଂ ଟେଷ୍ଟିଂ ପାଇଁ ପରିବହନ ବିଭାଗ ପକ୍ଷରୁ ଯାହା ନିୟମ ରହିଛି ସେହି ନିୟମକୁ ପାଳନ କରି ୬ଟି ପଦ୍ଧତିକୁ ଅତିକ୍ରମ କରି ଗାଡି ଚଳାଇ ପାରିଲେ ଆବେଦନକାରୀଙ୍କୁ ତୁରନ୍ତ ପାସ କରାଯାଇଥିଲା। ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନକାରୀ ଅନ୍‌ଲାଇନ୍ ଜରିଆରେ ଆବେଦନ କରିବା ପରେ ପରିବହନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଟେଷ୍ଟିଂ ଟ୍ରାକରେ ଏଡିଟିଏସ୍ ଟେଷ୍ଟ କରାଯାଉଛି। ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନକାରୀ ଅନଲାଇନ ମାଧ୍ୟମରେ ଆବେଦନ କରିବା ପରେ ପରିବହନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଟେଷ୍ଟିଂ ଟ୍ରାକରେ ଏଡିଟିଏସ୍ ପରୀକ୍ଷା କରାଯାଇଛି। ଯାହାଫଳରେ ଦକ୍ଷତାସମ୍ପନ୍ନ ଚାଳକଙ୍କୁ ଗାଡିଚାଳନା ଲାଇସେନ୍ସ ଯୋଗାଇ ଦିଆଯିବ। ଏ ସମ୍ପର୍କରେ କେନ୍ଦୁଝର ଆର୍‌ଟିଓ ଇଂ.ଗୋପାଳ କୃଷ୍ଣ ଦାସ କହିଛନ୍ତି, ଏହି ଏଡିଟିଏସ୍ ସମ୍ପୂର୍ଣ୍ଣ କମ୍ପ୍ୟୁଟର ଜରିଆରେ ହେଉଛି। ସେଠାରେ ମୋଟ ୨୬ ଟି କ୍ୟାମେରା ଲାଗିଛି। ୬ଟି ସୋପାନରେ ଏହି ଏଡିଟିଏସ୍ ଟେଷ୍ଟିଂ ହେବ। ସେଗୁଡିକ ହେଲା ଓଭରଟେକିଂ, ଜେବ୍ରା କ୍ରସିଂ,ଏସ୍ ଟ୍ରାକ, ପାରାଲାଲ ପାର୍କିଂ, ଗ୍ରାଡିଏଣ୍ଟ ଏବଂ ଏଇଟ୍ (୮) ଟ୍ରାକ୍ ଆଦି ସବୁ ସିଷ୍ଟମରେ ଭିଜୁଆଲ ଆନାଲାଇଜ୍ କରାଯାଇ ଡ୍ରାଇଭିଂ ଟେଷ୍ଟ ହେବ। ଏଥିପାଇଁ ଚାଳକଙ୍କୁ ୬ଟି ଯାକ ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ପଡିବ। ଯାହାକି ସିଷ୍ଟମ ଦ୍ୱାରା ପ୍ରଦର୍ଶିତ ହେବ। ଏଥିରେ ଗୋଟିଏ କେଉଁଥିରେ ବି ଫେଲ ହେଲେ ତାକୁ ଅକୃତକାର୍ଯ୍ୟ ଧରାଯିବ। ଚାଳକ ଜାଣିପାରିବ ସେ କେଉଁ ସୋପାନରେ ଫେଲ ହେଲେ। ସେଥିପାଇଁ ସେ ପ୍ରସ୍ତୁତ ହୋଇ ପୁନଃ ଏଡିଟିଏସ୍ ଟେଷ୍ଟିଂର ସମ୍ମୁଖୀନ ହେବ। ଏହା ସମ୍ପୂର୍ଣ୍ଣ ଭିଜୁଆଲ ଆନାଲିସିସ ଦ୍ୱାରା ସିଷ୍ଟମରେ ହେଉଥିବାରୁ ଏଥିରେ କୌଣସି ମାନୁଆଲ ହସ୍ତକ୍ଷେପ ରହିବ ନାହିଁ କି ମଧ୍ୟସ୍ଥି କିମ୍ବା ଦଲାଲଙ୍କ ଭୂମିକା ରହିବ ନାହିଁ। ସବୁଠାରୁ ବଡ କଥା ହେଲା ଏହା ଦ୍ୱାରା ଉତ୍ତମ ଅଭିଜ୍ଞ ଚାଳକ ସୃଷ୍ଟି ହେବା ସହ ଦୁର୍ଘଟଣା ହାର ହ୍ରାସ ପାଇବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଛନ୍ତି।

## ରାଜନଗର ଆର୍‌ଆଇ କାର୍ଯ୍ୟାଳୟରୁ ଚୋରି

ତୁରୁମୁଙ୍ଗା,୨୧।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ରାଜନଗର ଆର୍‌ଆଇ କାର୍ଯ୍ୟାଳୟରୁ ଗୁରୁବାର କେହି ଦୁର୍ବୃତ୍ତ ଚାବି ଭାଙ୍ଗି ଭିତରେ ଥିବା ଏକ ପ୍ରିଣ୍ଟର ଏବଂ ପଲିଥିନ୍‌କୁ ଚୋରି କରି ନେଇଛନ୍ତି। ଶୁକ୍ରବାର ରାଜସ୍ୱ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତ କାର୍ଯ୍ୟାଳୟକୁ ଆସିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି ଅଭିଯୋଗ ପରେ ତୁରୁମୁଙ୍ଗା ପୁଲିସ ଘଟଣାର ତଦନ୍ତ କରୁଛି।

## ବନ୍ଧୁକ ଦେଖାଇ ଲୁଟିନେଲେ ଲକ୍ଷାଧିକ ଟଙ୍କା

ଚମ୍ପୁଆ,୨୧।୬(ସମିସ): ଚମ୍ପୁଆ ଥାନା ତଥା ରିମୁଳି ଫାଣ୍ଡି ଅଧୀନରେ ଗତରାତିରେ ବନ୍ଧୁକ ଦେଖାଇ ବ୍ୟବସାୟୀ ଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଦେବଦତ୍ତ ଦାସ ରିମୁଳି ବାଇପାସ ନିକଟରେ ଏକ ଗ୍ରୋସରୀ ଦୋକାନ କରି ଚଳି ଆସୁଛନ୍ତି। ଗତ ଗୁରୁବାର ରାତି ପ୍ରାୟ ୧୦.୩୦ ଘଟିକା ସମୟରେ ଦେବଦତ୍ତ ନିଜ ଦୋକାନ ବନ୍ଦ କରିବା ସହିତ ୩ ଲକ୍ଷ ୧୧ ହଜାର ଟଙ୍କା ନେଇ ରିମୁଳି କଲେଜ ନିକଟରେ ଥିବା ଘରକୁ ଫେରୁଥିଲେ। କଲେଜ ଠାରୁ ଅନତି ଦୂରରେ ୨ ଗୋଟି ବାଇକରେ ୪ ଜଣ ଯୁବକ ତାଙ୍କୁ ଅଟକାଇବା ସହିତ ବନ୍ଧୁକ ଦେଖାଇ ତାଙ୍କ ଠାରୁ ଉକ୍ତ ଅର୍ଥ ଛଡାଇ ନେଇ ପଳାଇଥିଲେ ବୋଲି ଦେବଦତ ଚମ୍ପୁଆ ଥାନାରେ ଅଭିଯୋଗ କରିବା ପରେ ଭାରପ୍ରାପ୍ତ ଥାନା ଅଧିକାରୀ ହିମାଂଶୁ ଶେଖର ପ୍ରଧାନ କେସ ନମ୍ବର ୨୦୦/୨୦୨୪ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି।

## ଆଜ୍‌ବେଷ୍ଟସ୍ ଖଣ୍ଡ ପଡ଼ି ବୃଦ୍ଧ ଦମ୍ପତି ଗୁରୁତର

ତୁରୁମୁଙ୍ଗା,୨୧।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ବର୍ଷା ସାଙ୍ଗକୁ ପ୍ରବଳ ପବନ ହେବାରୁ ନିହୁଆଁ ଗ୍ରାମର ଗଦାଧର ନାଏକଙ୍କ ୨ ବଖରା ଆଜବେଷ୍ଟସ୍ ଘରର ଛପର ସମ୍ପୂର୍ଣ୍ଣ ଉଡ଼ିଯାଇଛି। ବର୍ଷା ପବନ ସମୟରେ ଘରଭିତରେ ଥିବା ବୃଦ୍ଧ ଦମ୍ପତିଙ୍କ ମୁଣ୍ଡ ଉପରେ ଆଜବେଷ୍ଟେସ୍ ଖଣ୍ଡ ପଡିଯିବାରୁ ଦମ୍ପତି ସାମାନ୍ୟ ଆହତ ହୋଇଛନ୍ତି। ଗଦାଧର ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର



ଆନନ୍ଦପୁର,୨୧।୬(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ସୀମାନ୍ତ ଗୋଉଡ଼ିଆବାହାଳି ଗ୍ରାମାରେ ଭାଲୁ ଉପଦ୍ରବ ଲାଗିରହିଛି। ଗତ ସପ୍ତାହେ ହେବ ଏହି ଭାଲୁ ଆଖପାଖ ଅଞ୍ଚଳରେ ଘୁରି ବୁଲୁଥିବାରୁ ଅଞ୍ଚଳବାସୀମାନଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଆଜି ଭୋର ସମୟରେ ଉକ୍ତ ଗ୍ରାମର ବୁଦ୍ଧୁନୀ ମହାନ୍ତ (୬୬)ଘର ନିକଟ ପଡିଆକୁ ଶୌଚ ପାଇଁ ଯାଇଥିବା ବେଳେ ସେହିବାଟ ଦେଇ ଏକ ଭାଲୁ ଜଙ୍ଗଲକୁ ଯାଉଥିବା ବେଳେ ମହିଳା ହାବୁଡ଼ରେ ପଡିଯାଇଥିଲେ। ଭାଲୁ ଆକ୍ରମଣରେ ଶିକାର ହୋଇ ମହିଳା ଗୁରୁତର ହୋଇ ପଡ଼ିଥିଲେ। ସେ ଚିତ୍କାର କରୁଥିବା ଶୁଣି ସ୍ଥାନୀୟ ଲୋକେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ କରାଯାଇଛି।

## ତୁରୁମୁଙ୍ଗା କଲେଜରେ ଯୋଗ ଦିବସ



ତୁରୁମୁଙ୍ଗା,୨୧।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧୀନ ତୁରୁମୁଙ୍ଗା ସ୍ଥିତ ଦଧିବାମନ କଲେଜରେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ, କ୍ଷେତ୍ର କାର୍ଯ୍ୟାଳୟ କେନ୍ଦୁଝର ପକ୍ଷରୁ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ତେବେ ଆଜିର ଏହି କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କଲେଜ ନିକଟରେ ଅନୁଷ୍ଠିତ ହୋଇଥିଲା। କଲେଜର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ତେବେ ଆଜିର ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଟିକେ ପରିଡା, ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଅଶ୍ୱତ୍ଥମା ଗିରି, ପ୍ରତାପ ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଯୋଗ ପ୍ରଶିକ୍ଷକ ଡ଼ମ୍ବରୁ ମହନ୍ତ ଓ ହରିହର ମହାନ୍ତ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ସ୍ଥାନୀୟ ଡାକ୍ତରଖାନାର ଡାକ୍ତର ସୁବାସ ଚନ୍ଦ୍ର କର ମଧ୍ୟ ଯୋଗର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କଲେଜରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। କେନ୍ଦୁଝର ସିବିସିର କ୍ଷେତ୍ର ପ୍ରଚାର ଅଧିକାରୀ ପାର୍ଥସାରଥୀ ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଦୀପ କୁମାର ନାୟକ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ବିନୋରି କଳାପରିଷଦର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### କମେଣ୍ଟ ମରାକୁ ନେଇ ତୁମୁଳକାଣ୍ଡ

## ୩ ଘଣ୍ଟା ଧରି ଥାନାରେ ଉତ୍ତେଜନା

ତୁରୁମୁଙ୍ଗା,୨୧।୬(ସମିସ):କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ଦୁର୍ଗାଦେଇପୁର ଗ୍ରାମର ମହିଳା ଓ ଯୁବତୀ ମାନେ ଗୁରୁବାର ସନ୍ଧ୍ୟା ରଜ ପର୍ବକୁ ମେଲାଣି ଦେବାକୁ ଡିଜେ ବଜାଇ ନାଚି ରଜବତୀଙ୍କ ମୂର୍ତ୍ତି ବିସର୍ଜନ କରିବାକୁ ଯାଉଥିବା ବେଳେ ପାଟଣା ମେଡିକାଲ ଛକ ନିକଟରେ ବେଗେନା ଗ୍ରାମର ୨ ଯୁବକ କମେଣ୍ଟ ମାରିଥିଲେ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସମ୍ପୃକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମହିଳା ଓ ପୁରୁଷମାନେ ପାଟଣା ଥାନା ଗେଟ୍ ସମ୍ମୁଖରେ ହୋ ହାଲ୍ଲା କରିଥିଲେ। ଏହାପରେ କମେଣ୍ଟ ମାରିଥିବା ୨ ଯୁବକଙ୍କୁ ପୁଲିସ ଥାନାରେ ବସାଇଥିଲେ। ପରେ ମଧ୍ୟସ୍ଥି ହସ୍ତକ୍ଷେପ କରି ଗାଁ ଗାଁ ମଧ୍ୟରେ ଭାଇଚାରା ତିକ୍ତ ନକରିବାକୁ ବୁଝାଇବା ପରେ ଉଭୟ ପକ୍ଷରୁ ଥାନାରେ ଲିଖିତ ଦେଇ ଆପୋଷ ବୁଝାମଣା କରିଥିଲେ। ପରେ କମେଣ୍ଟ ମାରି ଅଡୁଆରେ ପଡ଼ିଥିବା ୨ ଯୁବକଙ୍କୁ ପୁଲିସ ଛାଡ଼ିଥିବା ଜଣାପଡ଼ିଛି।

### ଚମ୍ପୁଆ ରେଞ୍ଜରେ ୨୮ ଟିକିଆ ହାତୀପଲର ଉପଦ୍ରବ

## ନଷ୍ଟ କଲେ କଦଳୀବଗିଚା, ଧାନ ଚାଷ



ତୁରୁମୁଙ୍ଗା,୨୧।୬(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଜ୍ୟୋତିପୁର ବିଟ୍ ଅଞ୍ଚଳରେ ୨୮ ଟିକିଆ ହାତୀପଲଙ୍କ ଉପଦ୍ରବ ରେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏକ ଗୋଠ ଛଡା ଦନ୍ତା ବିଳମ୍ବିତ ରାତିରେ ବର୍ଦ୍ଧନା, ପାରୁଡ଼ିପଶି ଅଞ୍ଚଳରେ ଆତଙ୍କ ଖେଳାଇ କ୍ରସର ଥିବା କଦଳୀ ଓ ଆମ୍ବ ବିଗିଚାରେ କ୍ଷୟକ୍ଷତି କରିଛି। ସେହିପରି ୨୭ ଟିକିଆ ହାତୀପଲ ଫୁଲକଅଁଳେଇ ଅଞ୍ଚଳରେ ଏକର ଏକର ଧାନ ଫସଲ ମାଡି ଚକଟି ନଷ୍ଟ କରିଛନ୍ତି। ଫୁଲକଅଁଳେଇ ଗ୍ରାମର ହରେକୃଷ୍ଣ ଦେହୁରୀ, ବସନ୍ତ ବେହେରା ପ୍ରଶାନ୍ତ ବେହେରାଙ୍କ ଧାନ ଚାଷ ମାଡି ଦଳି ନଷ୍ଟ କରିଦେଇଛନ୍ତି। ଗୋଠଛଡା ଦନ୍ତାଟି ଏବେ ଝାଲିଆବେଡା ଗାଁ ନିକଟରେ ଘୁରୁବୁଲୁଥିବା ବେଳେ ୨୭ ଟିକିଆ ହାତୀପଲ ଗୋବିନ୍ଦପୁର ନିକଟରେ ଡେରା ପକାଇଛନ୍ତି। ଗାଁ ନିକଟରେ ହାତୀପଲ ଘୁରୁବୁଲୁଥିବାରୁ ଆଖପାଖ ଗ୍ରାମର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲ ଙ୍କ ଉପରେ ନଜର ରଖିବା ସହ ଡାକବାଜି ଯନ୍ତ୍ର ସହାୟତାରେ ଲୋକଙ୍କୁ ସଚେତନ କରୁଛି। ବନ ବିଭାଗ ଖୁବ ଶୀଘ୍ର କ୍ଷୟକ୍ଷତି ଆକଳନ କରି ଋଣ କରଜ କରି ଧାନ ଚାଷ କରିଥିବା ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ଚାଷୀ ଦାବି କରିଛନ୍ତି।

## କେନ୍ଦୁଝରକୁ ଦୁଇଦିନିଆ ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ

**ମା' ତାରିଣୀ ଓ ବଳଦେବଜୀଉଙ୍କ ଦର୍ଶନ ସହ କରିବେ ଶୋଭାଯାତ୍ରା**

**ନିଜ ଗାଁ ରାଇକଳାରେ ମଧ୍ୟାହ୍ନ ଭୋଜନ**

କେନ୍ଦୁଝର,୨୧।୬ (ସମିସ): ରାଜ୍ୟ ଶାସନ ଭାର ହାତକୁ ନେବା ପରେ ପ୍ରଥମ ଥର ପାଇଁ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତା ୨୩ ତାରିଖରେ କେନ୍ଦୁଝର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀଙ୍କ ଦୁଇଦିନିଆ ଗସ୍ତ କାର୍ଯ୍ୟକ୍ରମ ରହିଛି। ପ୍ରଥମେ ଜିଲ୍ଲାର ଆରାଧ୍ୟ ଘଟଗାଁ ମା' ତାରିଣୀ ଓ କେନ୍ଦୁଝରରେ ବଳଦେବଜୀଉଙ୍କ ଦର୍ଶନ କରିବା ପରେ ମୁଖ୍ୟମନ୍ତ୍ରୀ ଏକ ବିଶାଳ ପଥପ୍ରାନ୍ତ ଶୋଭାଯାତ୍ରା ଏବଂ ଅନ୍ୟାନ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ନିଜ ଗାଁ ରାଇକଳା ଯାଇ ମଧ୍ୟାହ୍ନ ଭୋଜନ କରିବାର ବ୍ୟବସ୍ଥା ଥିବା ଜଣାପଡିଛି।

ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ୨୩ ତାରିଖରେ ଭୁବନେଶ୍ୱରରୁ ଆସି ଘଟଗାଁ ହାଇସ୍କୁଲ ପଡିଆରେ ସକାଳ ୧୦.୨୫ରେ ଅବତରଣ କରିବା ପରେ ୧୦.୩୦ରେ ସେଠାରୁ ଏକ ପଥପ୍ରାନ୍ତ ଶୋଭାଯାତ୍ରାରେ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଯାଇ ମା' ତାରିଣୀଙ୍କର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ତାରିଣୀଙ୍କର ଦର୍ଶନ ପରେ ସେଠାରୁ କାର୍ ଯୋଗେ ପୁଣି ହାଇସ୍କୁଲ ପଡିଆକୁ ଆସି ସେଠାରୁ ହେଲିକପ୍ଟର ଯୋଗେ କେନ୍ଦୁଝର ମୁଖ୍ୟାଳୟ ପୁଲିସ ରିଜର୍ଭ ଗ୍ରାଉଣ୍ଡରେ ୧.୦୫ରେ ଅବତରଣ କରିବେ। ସେଠାରୁ ସର୍କିଟ ହାଉସ ଯାଇ ବିଶ୍ରାମ ନେବା ପରେ ୩.୧୦ରେ କେନ୍ଦୁଝରର ଆରାଧ୍ୟ ପ୍ରଭୁ ବଳଦେବଜୀଉ ମନ୍ଦିରକୁ ଯାଇ ଦର୍ଶନ କରିବେ। ବଳଦେବଜୀଉ ମନ୍ଦିର ପାଖରୁ ବଡ଼ଦାଣ୍ଡ, ଆଟପୁର, ଚର୍ଚ୍ଚ ଛକ, ଜେଲ ରୋଡ, ଗାନ୍ଧୀ ଛକ, କଲେକ୍ଟୋରେଟ, ଲାବଣ୍ୟ ଛକ, ନୂଆ କୋର୍ଟ, ଟେଲିଫୋନ ଏକ୍ସଚେଞ୍ଜ ଦେଇ ନଗର ଭବନ ଷ୍ଟାଡିୟମକୁ ଯିବେ। ସେଠାରେ ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ସର୍କିଟ ହାଉସରେ ରାତ୍ରୀଯାପନ କରିବେ। ୨୪ ତାରିଖ ସକାଳେ ଗାଁକୁ ବାହାରି ରାଇକଳାରେ ୧୦.୫୫ରେ ଅବତରଣ କରିବେ। ରାଇକଳାରେ ଓହ୍ଲାଇ ସେଠାରୁ ଏକ ଶୋଭାଯାତ୍ରାରେ ଝୁମ୍ପୁରା ଦୁର୍ଗାପଡିଆରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେଠାରୁ କାର୍ଯ୍ୟକ୍ରମ ସାରି କାର୍ ଯୋଗେ ରାଇକଳା ନିଜ ବାସଭବନକୁ ଯାଇ ମଧ୍ୟାହ୍ନ ଭୋଜନ କରିବେ। ପରେ ସେଠାରେ ସ୍ଥାନୀୟ ଜନସାଧାରଣଙ୍କ ସହିତ ସାକ୍ଷାତ ଆଲୋଚନା ପରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। ଶପଥ ଗ୍ରହଣ ପରେ ମୂଖ୍ୟମନ୍ତ୍ରୀଙ୍କର କେନ୍ଦୁଝରକୁ ପ୍ରଥମ ଗସ୍ତ କାର୍ଯ୍ୟକ୍ରମ ରହିଥିବା ବେଳେ ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ରାଜନଗର ଦଧିବାମନଜୀଉଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ତୁରୁମୁଙ୍ଗା/ପାଟଣା, ୨୧।୬ (ସମିସ)



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଦଧିବାମନଜୀଉଙ୍କ ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଶୁକ୍ରବାର ରାଜନଗର ପଞ୍ଚାୟତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣା ତହସିଲଦାର ଲୀଳାବତୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ରଥ ଯାତ୍ରା କିପରି ସୁରୁଖୁରୁରେ ଶେଷ ହେବ ଏବଂ ଠାକୁର ଙ୍କ ରୀତିନୀତି କିଭଳି ସୂଚାରୁ ରୂପେ ହେବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ପାଟଣା ବିଡିଓ ଶିବଶଙ୍କର ମୁର୍ମୁ, ପୂଜକ ପ୍ରଦୀପ ପାଣି, ସ୍ଥାନୀୟ ସରପଞ୍ଚ ସୁଧାଂଶୁ ଶେଖର ନାଏକ, ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡ. ଶୁଭେନ୍ଦୁ ସାଗର ନାଏକ, ରେଞ୍ଜର ବନ ବିହାରୀ ସର୍ଦ୍ଦାର, ପାନୀୟ ଜଳ ପରିମଳ ବିଭାଗ ଯନ୍ତ୍ରୀ ସସ୍ମିତା ନାଏକ, ପାଟଣା ଅଗ୍ନିଶମ ବିଭାଗ ପକ୍ଷରୁ ବିଜୟ ନାଏକ, ଅବକାରୀ ବିଭାଗ ପକ୍ଷରୁ ପ୍ରଶାନ୍ତ ପରିଡା ବିଦ୍ୟୁତ ବିଭାଗର ଏସ୍‌ଡିଓ ଜନ୍ମେଜୟ ବେହେରାଙ୍କ ସମେତ ରାଜନଗର ବ୍ରାହ୍ମଣ ସମାଜ ସମେତ ଅକ୍ଷୟ ନାରାୟଣ ମିଶ୍ର, ମୃତ୍ୟୁଞ୍ଜୟ ପାଣି, ତୃପ୍ତିରଞ୍ଜନ ସିଂହ, ପ୍ରଫୁଲ୍ଲ ରାଉତ, ପ୍ରଭାତ କୁମାର ରଣା, ଉଗ୍ରେସନ ମାଟିଆ ପ୍ରମୁଖ ଉପସ୍ଥିତ ଥିଲେ। ରଥଯାତ୍ରାକୁ ଆଉ କିଛି ଦିନ ବାକି ଥିବା ବେଳେ ରଥଖଳା ସମ୍ପୂର୍ଣ୍ଣ ହୋଇ ନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥି ସହ ରଥଯାତ୍ରା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଆସୁଥିବା ଅନୁଦାନର ସୁବିନିଯୋଗ ହେଉନଥିବା ଆୟବ୍ୟୟ ଖର୍ଚ୍ଚ ସାର୍ବଜନୀନ ହେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଯୁଦ୍ଧକାଳୀନ ଭିତରେ ରଥଖଳା ନିର୍ମାଣ କରାଇବାକୁ ବିଧାୟକ ଶ୍ରୀ ନାୟକ ନିର୍ଦ୍ଦେଶ ଦେବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସାଙ୍ଗକୁ ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ୪ ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯିବାକୁ କହିଥିଲେ। ଏଥି ସହ ରଥଯାତ୍ରା ପୂର୍ବରୁ ଅଞ୍ଚଳ ନିଶାଦ୍ରବ୍ୟ ବିକ୍ରି ଉପରେ ରୋକ ଲଗାଇବାକୁ ଅବକାରୀ ବିଭାଗକୁ ବିଧାୟକ ଶ୍ରୀ ନାଏକ କଡ଼ା ନିର୍ଦ୍ଦେଶ ଦେଇଥିଲେ।

### ରାଜ୍ୟ ପ୍ରଦୂଷଣ ବୋର୍ଡ ଓ ଖଣି ବିଭାଗର ଚଢ଼ଉ

## ଆନନ୍ଦପୁର ବାଲିଘାଟ ବନ୍ଦ ନିର୍ଦ୍ଦେଶ

ଆନନ୍ଦପୁର,୨୧।୬(ସମିସ): ଆନନ୍ଦପୁର ବାଲି ଘାଟରୁ ମାତ୍ରାଧିକ ବାଲି ଉତ୍ତୋଳନର ଆଜି ତଦନ୍ତ କରାଯାଇ ଅନ୍ୟାଦେଶ ପର୍ଯ୍ୟନ୍ତ ବାଲି ଉତ୍ତୋଳନ ବନ୍ଦ କରିବାକୁ ପ୍ରଶାସନିକ ନିର୍ଦ୍ଦେଶ ହୋଇ ଥିବା ଜଣାଯାଇଛି। ବୈତରଣୀ ନଦୀର ବାଲି ଉତ୍ତୋଳନ ବ୍ୟାରେଜ ପ୍ରତି ବିପଦ ଥିବାରୁ ବାଲି ଉତ୍ତୋଳନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଜଳସେଚନ ଅଧିକାରୀମାନେ ତଦନ୍ତକାରି ଅଧିକାରୀଙ୍କୁ ସତର୍କ କରିଥିବା ଜଣାଯାଇଛି। ଏନେଇ ଆଜି 'ସକାଳ'ରେ ବିସ୍ତୃତ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆଜି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶିକା ନିବେଦିତା ଦାସ ବୈତରଣୀ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଲକ୍ଷ୍ମଣ ମାରାଣ୍ଡି, ଭୁତତ୍ତ୍ୱବିତ ସୁରେଶ ସାହୁ, ଆନନ୍ଦପୁର ରାଜସ୍ୱ ନିରୀକ୍ଷକ ଓ ଆନନ୍ଦପୁର ଖଣି ବିଭାଗ ଅଧିକାରୀ ତାରିଣୀ ପ୍ରସାଦ ସିଂ ନଦୀର ବାଲୁକା ଶଯ୍ୟା ପରିଦର୍ଶନ କରି ଯଥେଷ୍ଟ ଅଧିକ ପରିମାଣର ବାଲି ଉତ୍ତୋଳନ ହୋଇଥିବା ଅନୁଧ୍ୟାନ କରିଥିଲେ। ରିଙ୍ଗରୋଡରେ ବାଲିବୋଝେଇ ଗାଡ଼ି ଓ ଭାରୀଯାନ ଚଳାଚଳ ଯୋଗୁ ବୈତରଣୀ ବନ୍ୟା ସୁରକ୍ଷା ବନ୍ଧ ପ୍ରତି ବିପଦ ସୃଷ୍ଟି ହେଉଥିବା ଅନୁଧ୍ୟାନକାରୀ ପ୍ରତିନିଧି ମାନେ ପ୍ରକାଶ କରିଥିଲେ। ଆଗକୁ ବର୍ଷାଦିନ ଆସୁଥିବାରୁ ବୈତରଣୀ ନଦୀରେ ବନ୍ୟା ଜଳ ଲିକେଜ୍ ହୋଇ ଜନବସତିକୁ ପଶି ଆସିବା ଆଶଙ୍କା ଥିବାବେଳେ ବନ୍ୟା ଜଳ ପ୍ରତିବର୍ଷ ଏହି ସୁରକ୍ଷା ବନ୍ଧକୁ ଲାଗୁଥବାରୁ ଏବଂ ବର୍ତ୍ତମାନ ଆନନ୍ଦପୁର ରିଙ୍ଗରୋଡରେ ଲିକେଜ ହୋଇଥିବା ନେଇ ଜଳସମ୍ପଦ ବିଭାଗ ଅଧିକାରୀ ତଦନ୍ତ କାରି ଦଳଙ୍କୁ ଅବଗତ କରିଥିଲେ। ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଓ ଏହି ରିଙ୍ଗରୋଡରେ ପରିବହନ ହେଉଥିବା ଲଘୁ ଖଣିଜ ପରିବହନ ସମ୍ପର୍କିତ ଯାଞ୍ଚ ଓ ଧରପଗଡ଼ ଖଣି ବିଭାଗ ଅଧୀନକୁ ହସ୍ତାନ୍ତର ହେବା ପରେ ଆନନ୍ଦପୁରରେ ଏହି ବେଆଇନ କାରବାର ଖୁଲମଖୁଲା ଚାଲିଥିବା ଅଭିଯୋଗ ହୋଇଥିଲା।




## ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ





ଆନନ୍ଦପୁର,୨୧।୬(ସମିସ)

ଆନନ୍ଦପୁର ପୌରପାଳିକା ପକ୍ଷରୁ ଆଜି ସହିଦ ପାର୍କ ଓ ଶାଳପଡା ଜଳସେଚନ ପଡିଆ ଠାରେ ବିଶ୍ୱଯୋଗ ଦିବସ ପାଳିତ ହୋଇଯାଇଛି। ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ବଳଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୨୭୦ଜଣ ଛାତ୍ରଛାତ୍ରୀ ସ୍ଥାନୀୟ ଜନସାଧାରଣ ଶିବିରରେ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଯୋଗ ଗୁରୁ ଅର୍ଣ୍ଣଦା ଶଙ୍କର ମହାନ୍ତି ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଆନନ୍ଦପୁର ବିଏନ୍ ହାଇସ୍କୁଲ ଖେଳପଡିଆ ଠାରେ ଆଜି ୧୦ତମ ବିଶ୍ୱ ଯୋଗ ଦିବସ ବିଜେପି କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଯୋଗଗୁରୁ ନାରାୟଣ ଦାସ ଉପସ୍ଥିତ ସମସ୍ତଙ୍କୁ ଯୋଗ ଅଭ୍ୟାସ କରାଇଥିଲେ। ଏଣୁ କାର୍ଯ୍ୟକ୍ରମରେ ପ୍ରଫେସର୍ ପଞ୍ଚାନନ ରାଉତ, ସର୍ବେଶ୍ୱର ଦଲାଇ, କମଳାକାନ୍ତ ସୂର, ମୁରଲୀଧର ମିଶ୍ର, ଗଗନ କୁମାର ସିଂହ, ପ୍ରଶାନ୍ତ କୁମାର ମହାପାତ୍ର, ନାରାୟଣ ବାରିକ, ଟୁକୁନୁ ହେତା, ସୂର୍ଯ୍ୟ ପ୍ରକାଶ ସାହୁ, ସତ୍ୟପ୍ରକାଶ ସାହୁ, ଗଗନ ବିହାରୀ ସାହୁ, ପ୍ରାଣବନ୍ଧୁ ସାହୁ, କୈଳାଶ ନାୟକ, ରାଜାପ୍ରଭୁ ଦାସ, ନୀଳମଣି ସାହୁ, ରଞ୍ଜନ କୁମାର ଜେନା, ଆଶିଷ କୁମାର ବେହେରା, ଅଞ୍ଜନ ତ୍ରିପାଠୀ, ରାମଚନ୍ଦ୍ର ପଲୋଇ, ମନୋଜ କୁମାର ବଳୀଆରସିଂହ, ପଦ୍ମଚରଣ ପାଣିଗ୍ରାହୀ, ଘନଶ୍ୟାମ ମୁଦୁଲି, ଆନନ୍ଦ କୁମାର ପାଢ଼ୀ, ସୁମତୀ ଯେନାଙ୍କ ସମେତ ଶତାଧିକ କାର୍ଯ୍ୟକତା ଯୋଗଦାନ କରିଥିଲେ। ସେହିପରି ଆନନ୍ଦପୁର ବ୍ଲକ ପୁରୁଣିଆ ଗ୍ରାମରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୁଣିଆ ସମେତ ଆଖପାଖ ଅଞ୍ଚଳରୁ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଶିବିରରେ ଯୋଗ ଦେଇଥିଲେ। ଘସିପୁରା ବରିଷ୍ଠ ନେତା ଡ. ଶମ୍ଭୁନାଥ ରାଉତଙ୍କ ସଂଯୋଜନାରେ ପୁରୁଣିଆ ଯୁବଜ୍ୟୋତି ହାଇସ୍କୁଲ ପ୍ରାଙ୍ଗଣରେ ଆନ୍ତର୍ଜାତୀୟ ଯୋଗ ଦିବସ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି।

